RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -182 | ସଂଖ୍ୟା-୧୮୨
ଭୁବନେଶ୍ୱର, ଶନିବାର ୦୩ ଅକ୍ଟୋବର ୨୦୨୬
Bhubaneswar, Saturday 03 October, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର



# ପୁଣି ଡରାଇଲାଣି ଅକ୍ଟୋବର

## ୧୨ରେ ଘୂର୍ଣ୍ଣିବଳୟ, ଆନ୍ଧ୍ର-ଓଡିଶା ଉପକୂଳମୁହାଁ

ଭୁବନେଶ୍ୱର,୨।୧୦(ନି.ପ୍ର.): : ଅକ୍ଟୋବର ଆରମ୍ଭରୁ ବଙ୍ଗୋପସାଗରରେ ବାତ୍ୟା ଭୟ ସୃଷ୍ଟି ହେଲାଣି। ଗୋଟିଏ ପଟେ ସାରା ଦେଶରୁ ମୌସୁମୀ ବିଦାୟ ନେଉଥିବା ବେଳେ ଅନ୍ୟପଟେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ଏବଂ ତୃତୀୟ ସପ୍ତାହରେ ଅବପାତ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍ଡି) ପୂର୍ବାନୁମାନ କରିଛି। ବିଭାଗର ଆକଳନ ଅନୁଯାୟୀ ୧୨ ତାରିଖ ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି। ପ୍ରଭାବରେ ୧୩ ତାରିଖ ବେଳକୁ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମଶଃ ଏହା ଅଧିକ ଘନୀଭୂତ ହୋଇ ଅକ୍ଟୋବର ୧୫ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଂଶ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବର ସମ୍ଭାବନା ରହିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଅକ୍ଟୋବର ୧ରୁ ଉତ୍ତର ବଙ୍ଗୋପସାଗରରେ ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆରମ୍ଭ ହୋଇସାରିଛି। ଅକ୍ଟୋବର ପ୍ରଥମ ସପ୍ତାହ ଶେଷ କିମ୍ବା ଦ୍ୱିତୀୟ ସପ୍ତାହ ଆରମ୍ଭ ବେଳକୁ ଓଡିଶା ସମେତ ପ୍ରାୟ ଅଧିକାଂଶ ରାଜ୍ୟରୁ ମୌସୁମୀ ବିଦାୟ ନେଇସାରିଥିବ। ଏଥିସହ ବାତ୍ୟା ଋତୁର ପ୍ରାରମ୍ଭ ଜାରି ହୋଇସାରିଥିବ। ତେଣୁ ବାତ୍ୟା ହେବାର ସମ୍ଭାବନା ଅଧିକ ରହୁଥିବା ଆଇଏମ୍ଡିର ବିସ୍ତାରିତ ପରିସର ଆକଳନରେ କୁହାଯାଇଛି। ସମ୍ଭାବ୍ୟ ଅବପାତ ଅଧିକ ଘନୀଭୂତ ହେବ କି ନାହିଁ ସେନେଇ କେଣସି ଆକଳନ କରାଯାଇ ନାହିଁ। ତେବେ



ଏହା ଦକ୍ଷିଣ ଓଡିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଆସିପାରେ ବୋଲି ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍‌ଗୁଡିକ ଆକଳନ କରିଛନ୍ତି। ପୂର୍ବରୁ ୨୦୧୪ ଅକ୍ଟୋବର ୧୨ରେ ହୁଡ୍‌ହୁଡ, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ୍, ୨୦୧୮ ଅକ୍ଟୋବର ୧୦ରେ ତିତିଲି, ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଓଡ଼ିଶାରେ ଅନେକ କ୍ଷୟକ୍ଷତି କରିଥିବା ବେଳେ ବର୍ତ୍ତମାନର ଆକଳନ ଆଉ ଏକ ନୂଆ ଡର ସୃଷ୍ଟି କରିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି ଯେ ଦ୍ୱିତୀୟ ସପ୍ତାହରେ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବାତ୍ୟା ଗଠନ ହୋଇପାରେ। ଅକ୍ଟୋବର ପର୍ଯ୍ୟନ୍ତ ଖରା, ଉଚ୍ଚ ତାପମାତ୍ରା ଓ ଅଧିକ ଆର୍ଦ୍ରତା ଯୋଗୁଁ ୮ରୁ ୧୫ ତାରିଖ ମଧ୍ୟରେ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଗଠନ ସ୍ଥଳ, ତୀବ୍ରତା ଓ ଗତିପଥ ଏପର୍ଯ୍ୟନ୍ତ ଅନିଶ୍ଚିତ ରହିଛି। ଓଡ଼ିଶା ପ୍ରତି କୌଣସି ବିପଦର ବିଶ୍ୱସନୀୟ ସଙ୍କେତ ଏପର୍ଯ୍ୟନ୍ତ ମିଳିନାହିଁ। ବିଭିନ୍ନ ବିଶ୍ୱସ୍ତରୀୟ ମଡେଲ୍‌ଗୁଡିକ ଦ୍ୱିତୀୟ ସପ୍ତାହ ମଧ୍ୟରେ ବଙ୍ଗୋପସାଗର/ଆଣ୍ଡାମାନ ଅଞ୍ଚଳରେ ପରିସଞ୍ଚଳନ କିମ୍ବା ଚାପ ହ୍ରାସର ସଙ୍କେତ ଦେଉଛନ୍ତି। ଏକ ବିସ୍ତୃତ ଘୂର୍ଣ୍ଣିବାତ୍ୟା ଗଠନ ପାଇଁ ଅନୁକୂଳ ପରିବେଶର ସଙ୍କେତ ମିଳୁଛି। ତେବେ ନିର୍ଦ୍ଦିଷ୍ଟ ଗଠନ ତାରିଖ ଓ ସ୍ଥାନ ଏପର୍ଯ୍ୟନ୍ତ ଅନିଶ୍ଚିତ ବୋଲି ସେ କହିଛନ୍ତି।

୧୯୦୧ରୁ ୨୦୨୬ ମଧ୍ୟରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ସର୍ବାଧିକ ବର୍ଷା ପରିମାଣ ମଧ୍ୟରେ ଚଳିତ ବର୍ଷ ଚତୁର୍ଥ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି। ୧୯୬୧ରେ ସର୍ବାଧିକ ୧୫୪୨.୧ ମିମି ବର୍ଷା ହୋଇଥିବା ବେଳେ ୨୦୦୬ରେ ୧୫୦୮.୮ ମିମି, ୧୯୫୬ରେ ୧୪୯୯.୫ ମିମି, ୨୦୨୬ରେ ୧୪୮୪.୩ ମିମି ଓ ୧୯୩୬ରେ ୧୪୬୯.୯ ମିମି ବର୍ଷା ହୋଇଛି।

# ଏସିଆ କ୍ରୀଡ଼ାରେ ଚମକିଲେ ଭାରତୀୟ ଖେଳାଳି

## ଗୋଟିଏ ଦିନରେ ୬ ସ୍ୱର୍ଣ୍ଣ ପଦକ

ନାଗୋୟା: ଜାପାନରେ ନାଗୋୟାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ପାଇଁ ଆଜି ଶୁଭ ଶୁକ୍ରବାର ହୋଇଯାଇଛି । ଗୋଟିଏ ଦିନରେ ତୀରନ୍ଦାଜୀ, ମୁଷ୍ଟି ଯୋଦ୍ଧା, କୁସ୍ତି ଓ ହକିରେ ୫ଟି ସୁନା ପଦକ ଆସିଥିବାବେଳେ କେବଳ ବକ୍ସିଂରେ ତିନୋଟି ପଦକ ଆସିଛି । ଲବଲୀନାଙ୍କ ପରେ ପରବୀନ ହୁଡା ଏବଂ ଅଙ୍କୁଶ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେପଟେ କୁସ୍ତିରେ ମଧ୍ୟରେ ସ୍ୱର୍ଣ୍ଣ ଆସିଛି । ସେହିପରି ହକିରେ ଭାରତୀୟ ମହିଳା ଦଳ ୧-୦ ଗୋଲରେ ଚୀନକୁ ହରାଇ ସ୍ୱର୍ଣ ପଦକ ଜିଣିଛନ୍ତି। ଫଳରେ ଭାରତ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିବାବେଳେ ୨୬

ପ୍ରଥମେ ତୀରନ୍ଦାଜ ମହିଳା ଦଳ ଭାରତକୁ ଆଜି ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଥିଲେ । ଏହା ପରେ ୭୫ କିଲୋଗ୍ରାମ ବର୍ଗରେ ଲବଲୀନା ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଲବଲୀନାଙ୍କ ପରେ ପରବୀନ ହୁଡା ମହିଳା ୬୫ କିଗ୍ରା ବର୍ଗରେ ଚାଇନିଜ୍ ତାଇପେଇର ଚେନ୍ ନିଏନ୍-ଚିନ୍‌ଙ୍କୁ ୩-୨ ବ୍ୟବଧାନରେ ପରାସ୍ତ କରି ପ୍ରଥମ ସ୍ଥାନ ଅକ୍ତିକାର କରିଛନ୍ତି । ଏହା ସହିତ ସେ ଏସୀୟ କ୍ରୀଡ଼ାରେ ଭାରତର ତାଲିକାରେ ଆଉ ଏକ ସ୍ୱର୍ଣ୍ଣ ପଦକ ଯୋଡ଼ିଥିଲେ । ସ୍ୱର୍ଣ୍ଣ ଜିତିବାରେ ସେ ତୃତୀୟ ଭାରତୀୟ ବକ୍ସର ହୋଇଥିଲେ । ଏହାପୂର୍ବରୁ ମେରି କମ୍ (୨୦୧୪) ଏବଂ ଲଭଲିନା ବୋର୍ଗହାଇନ୍ (୨୦୨୬) ଏହି ସଫଳତା ହାସଲ କରିଥିଲେ।



ପରବୀନଙ୍କ ପରେ ବକ୍ସିଂରେ ଭାରତକୁ ଆହୁରି ଏକ ସଫଳତା ମିଳିଥିଲା । ଅଙ୍କୁଶ ପୁରୁଷଙ୍କ ୮୦ କିଲୋଗ୍ରାମ ବର୍ଗରେ ଦକ୍ଷିଣ କୋରିଆର ମିନସୋଙ୍ଗ କିମ୍‌ଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ଆଜି ଭାରତ ପାଇଁ ତୃତୀୟ ବକ୍ସିଂ ସ୍ୱର୍ଣ୍ଣ ପଦକ ଅଟେ ।

ଭାରତର ସ୍ୱର୍ଣ୍ଣ ତାଲିକାରେ ଏହିଠାରେ ସୀମିତ ରହିନଥିଲା । ବକ୍ସିଂ ଏବଂ ତୀରନ୍ଦାଜୀ ପରେ, ଭାରତ କୁସ୍ତିରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛି । ପୁରୁଷଙ୍କ ୬୫ କିଲୋଗ୍ରାମ ବର୍ଗର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମୁକାବିଲାରେ ତାଜିକିସ୍ତାନର ଅବୁଲ୍ ମାଜିଦ୍‌ଙ୍କୁ ୧୦-୯ ବ୍ୟବଧାନରେ ପରାସ୍ତ କରି ସୁଜିତ ଏହି ପଦକ ଜିତିଛନ୍ତି।

ଅନ୍ୟପକ୍ଷରେ ମହିଳା ହକି ଫାଇନାଲରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ। ଚୀନକୁ ସମସ୍ତ ପେନାଲ୍ଟି କର୍ଣ୍ଣରକୁ ରୋକିବାରେ ସଫଳ ହୋଇଥିଲେ ମହିଳା ଦଳ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିବାବେଳେ ପ୍ରଥମ କ୍ୱାର୍ଟରରେ ଭାରତ ଗୋଟିଏ ଗୋଲ୍ ଦେଇଥିଲା। ଏହି ସଫଳତାକୁ ଅନ୍ତିମ ପର୍ଯ୍ୟାୟ ଜାରି ରଖିବାରୁ ଚୀନକୁ ନିରାଶ ହେବାକୁ ପଡ଼ିଥିଲା। ଦୀର୍ଘ ୪୪ ବର୍ଷ ପରେ ହକିରେ ସ୍ୱର୍ଣ୍ଣ ଜିଣିଛି ଭାରତୀୟ ମହିଳା ଦଳ।

ଭାରତ ତୀରନ୍ଦାଜୀରେ ଆଉ ଏକ ପଦକ ହାସଲ କରିଛି। ପୁରୁଷ ରିକର୍ଭ ଦଳ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ସେମାନଙ୍କର ମୁକାବିଲା ଦକ୍ଷିଣ କୋରିଆ ସହ ହୋଇଥିଲା । ଯେଉଁଥିରେ ବିପକ୍ଷ ଦଳ ଭାରତକୁ ୫-୧ ବ୍ୟବଧାନରେ ପରାସ୍ତ କରିଥିଲା। ଫଳସ୍ୱରୂପ, ଭାରତକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ସେପାକ୍ ଟାକ୍ରୋର ପୁରୁଷ 'କ୍ୱାଡ୍ରାଣ୍ଟ' ଇଭେଣ୍ଟରେ ଭାରତର ଅଭିଯାନ ସେମି-ଫାଇନାଲରେ ଶେଷ ହୋଇଛି । ଆୟୋଜକ ଜାପାନ ବିପକ୍ଷରେ ଭାରତ ସିଧାସଳଖ ସେଟ୍‌ରେ (୦-୨) ପରାଜିତ ହୋଇଥିଲା। ଫଳସ୍ୱରୂପ, ଭାରତକୁ ବ୍ରୋଞ୍ଜ ପଦକ ସହ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ପୁଣି ବ୍ୟାଂକକୁ ଉଡିବ ବିମାନ

ଭୁବନେଶ୍ୱର,୨।୧୦(ନି.ପ୍ର.): ଆଜି ଠାରୁ ଭୁବନେଶ୍ୱରରୁ ବ୍ୟାଙ୍କକ ପାଇଁ ପୁଣି ଆରମ୍ଭ ହେବ ବିମାନ ସେବା । ପ୍ରାୟ ୩ ମାସ ପରେ ପୁଣି ଭୁବନେଶ୍ୱରରୁ ବ୍ୟାଂକକକୁ ଉଡିବ ବିମାନ । ଏହି ବିମାନ ସପ୍ତାହକୁ ଦୁଇ ଥର ଚାଲିବ ବୋଲି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି ।

ଏହା ସହ ସେ କହିଛନ୍ତି ଯେ, କୌଣସି କାରଣ ପାଇଁ ବିମାନ ସେବା ବନ୍ଦଥିଲା। ଆଜିଠାରୁ ବିମାନ ନମ୍ବର ୧୦୬୫ ପୁଣିଥରେ ଆରମ୍ଭ ହେଉଛି । ଆଜି ରାତି ୧୧.୦୫ରେ ବିମାନଟି ଭୁବନେଶ୍ୱରରୁ ବାହାରିବ । ଆଉ ସେଠାରୁ କାଲି ସକାଳ ୫.୩୦ରେ ବାହାରିବ। ଆସନ୍ତା ୨୫ ତାରିଖରୁ ରାତି ନୁହଁ ଏହି ବିମାନଟି ଦିନରେ ଚାଲିବ। ଶୀତ ଋତୁ ଆସିଲା ପରେ ଦିନ ୧୧ଟାରେ ବିମାନଟି ଭୁବନେଶ୍ୱରରେ ପହଞ୍ଚିବ। ଆଉ ଦିନ ଗୋଟାଏରୁ ଭୁବନେଶ୍ୱରରୁ ବାହାରିବ । ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଟରନ୍ୟାସନାଲ ଫ୍ଲାଇଟ ବନ୍ଦ ହେବା ପରେ ଏହା ଆନ୍ତର୍ଜାତୀୟ ବିମାନ ବନ୍ଦର ପରି ଲାଗୁ ନଥିଲା। ବ୍ୟାଂକକ ବିମାନ ସେବା ଚାଲୁହେବା ପରେ ଓଡିଶା ତଥା ଭୁବନେଶ୍ୱର ବିମାନ ବନ୍ଦର ପାଇଁ ଭଲ ଖବର । ବ୍ୟାଂକକ ପାଇଁ ଭୁବନେଶ୍ୱରରୁ ଭଲ ଯାତ୍ରୀ ହେଉଛନ୍ତି। ଆଗାମୀ ଦିନରେ ଦୁବାଇ ବିମାନ ସେବା ପାଇଁ ଚେଷ୍ଟା କରାଯାଉଛି । ସେଠାକାର କଣ୍ଡିସନ ଧୀରେ ସୁଧାର ଆସୁଛି ବୋଲି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରଶନ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ଭୁବନେଶ୍ୱରରୁ ଦୈନିକ ପ୍ରାୟ ୯୦ରୁ ୧୦୦ଟି ବିମାନ ଚଳାଚଳ କରୁଛି । ପ୍ରାୟ ୧୨ରୁ ୧୫ ହଜାର ଯାତ୍ରୀ ପ୍ରତ୍ୟେକ ଦିନ ଯାତାୟାତ କରୁଛନ୍ତି । ଏଭଳି ସ୍ଥିତିରେ ବ୍ୟାଙ୍କକ୍ ରୁଟ୍ ପୁଣି ଖୋଲିବା ଓଡ଼ିଶାର ଆନ୍ତର୍ଜାତିକ ବିମାନ ସଂଯୋଗ ବଢ଼ାଇବା ଦିଗରେ ଏକ ନୂଆ ଆଶା ସୃଷ୍ଟି କରିଛି ।



## ପୁଣି ବଢ଼ିବ ଓମଫେଡ୍ କ୍ଷୀର ଦର

ଭୁବନେଶ୍ୱର,୨।୧୦(ନି.ପ୍ର.): ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହୋଇଛି। କ୍ଷୀର ଦାମ ବୃଦ୍ଧି କରିବାକୁ ଓମଫେଡ୍ ନିଷ୍ପତି ନେଇଛି । ଲିଟର ପିଛା କ୍ଷୀର ଦାମ ୨ରୁ ୪ ଟଙ୍କା ବୃଦ୍ଧି କରିଛି ଓମଫେଡ୍ । ଏହି ନୂତନ ଦର ଆସନ୍ତା ୪ ତାରିଖରୁ ଲାଗୁ ହେବ । ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି । ଟୋନ୍ଡ କ୍ଷୀର ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ହେବ ୫୮ ଟଙ୍କା ହେବ । ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୨ ଟଙ୍କା ବୃଦ୍ଧି ହେବ । ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ଲିଟର ୫୮ ଟଙ୍କାରୁ ୬୦ ଟଙ୍କା ହେବ । ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ଦାମ୍ ୧ ଟଙ୍କା ବୃଦ୍ଧି ହେବ । ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ପାଇବ । ଗୋଲ୍ଡ ଦୁଗ୍ଧ ଲିଟର ପ୍ରତି ୬୪ ଟଙ୍କାରୁ ବୃଦ୍ଧି ପାଇ ୬୬ ଟଙ୍କା ହେବ । ଓମଫେଡ୍ ପରିଚାଳନା କମିଟି ବୈଠକରେ ଦର ବୃଦ୍ଧି ନେଇ ନିଷ୍ପତ୍ତି ନିଆଯାଇଛି । ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ଯୋଗୁଁ ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଓମଫେଡ୍ ପକ୍ଷରୁ କୁହାଯାଇଛି । ତେବେ ଗତ ୫ ମାସ ମଧ୍ୟରେ ଓମଫେଡ୍ ଦ୍ୱିତୀୟ ଥର ପାଇଁ ଦରରେ ବୃଦ୍ଧି କରିଛି । ଏହା ପୂର୍ବରୁ ସେପ୍ଟେମ୍ବର ୯ ତାରିଖରେ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ ଦର ୨ ଟଙ୍କା ବଢ଼ାଯାଇଥିଲା ।

# ଟ୍ରମ୍ପଙ୍କ ଚେତାବନୀ ପରେ ପୁଣି ଯୁଦ୍ଧ

ୱାଂଶିଟନ,୨।୧୦(ନି.ପ୍ର.): ପୁଣି ଆମେରିକା ଓ ଇରାନ ମଧ୍ୟରେ ହୋଇପାରେ ଘାଘୋଟ ଯୁଦ୍ଧ। ନଭେମ୍ବର ୩ ଆମେରିକାର ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ପରେ ଇରାନ ଉପରେ ପୁଣି ବଡ ହମଲା କରିପାରେ ୱାଶିଂଟନ ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରି ହମଲାର ଚେତାବନୀ ଦେଇଛନ୍ତି। ଏହି ଚେତାବନୀ ପରେ ଆମେରିକା ପକ୍ଷରୁ ତୃତୀୟ ଯୁଦ୍ଧପୋତ ମଧ୍ୟପ୍ରାଚ୍ୟକୁ ପଠାଯାଇଛି। ଏଥିରେ ୯ରୁ ୧୦ ହଜାର ସୈନ୍ୟ ରହିଥିବା ଜଣାପଡିଛି। ୟୁଏସଏସ ଥିଓଡୋର ରୋଜଭେଲ୍ଟ ଓ ଏୟାର ଷ୍ଟ୍ରାଇକ ଗ୍ରୁପ ଏତେ ସଂଖ୍ୟକ ସୈନ୍ୟଙ୍କୁ ଧରି ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏମାନେ ନଭେମ୍ବର ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବାର ସମ୍ଭାବନା ରହିଛି।

ପୂର୍ବରୁ ମଧ୍ୟପ୍ରାଚ୍ୟରେ ୟୁଏସଏସ ଜର୍ଜ ଏଚଡବ୍ଲ୍ୟୁ ବୁଶ ଓ ୟୁଏସଏସ ଜର୍ଜ ୱାଶିଂଟନ ମହଜୁଦ ରହିଛନ୍ତି। ଏହି ଦୁଇ ଯୁଦ୍ଧପୋତରେ ମଧ୍ୟ ହଜାର ହଜାର ସୈନ୍ୟ ରହିଛନ୍ତି। ୟୁଏସଏସ ଜର୍ଜ ୱାଶିଂଟନ ସାଧାଣତଃ ପ୍ୟାସିଫ ଓସେନରେ ମୁତୟନ ହୋଇଥାଏ। କିନ୍ତୁ ୟୁଏସଏସ ଆବ୍ରାହମ ଲିଙ୍କନ ଦୀର୍ଘ ଦିନ ହେଲା ମଧ୍ୟପ୍ରାଚ୍ୟରେ ମୁତୟନ ହୋଇଥିବାରୁ ଏହାକୁ ରିଲିଭ କରିବାକୁ ଜର୍ଜ ୱାଶିଂଟନ ସେଠାକୁ ଯାଇଛି।



ଆମେରିକା ମଧ୍ୟପ୍ରାଚ୍ୟରେ ସୈନ୍ୟ ଠୁଳ କରୁଥିବାରୁ ଆଗକୁ ଇରାନ ଉପରେ ବଡଧରଣର ହମଲା ହେବାର ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଆମେରିକାର ୨୦ ହଜାରରୁ ଅଧିକ ନୌସେନା ଓ ଶତାଧିକ ଯୁଦ୍ଧ ବିମାନ ମହଜୁଦ ହୋଇ ରହିଛନ୍ତି।

ଗତ ସପ୍ତାହରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଇରାନ ପକ୍ଷରୁ ଶାନ୍ତି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ସେହିପରି ମଧ୍ୟସ୍ଥି ସାଜିଥିବା କତର ସହାୟତାରେ ଇରାନ ପକ୍ଷରୁ ଆମେରିକାକୁ ନିଜର ଶାନ୍ତି ପ୍ରସ୍ତାବ ସର୍ତ୍ତଗୁଡିକୁ ବିଷୟରେ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଗ୍ରାହ୍ୟ କରି ଦେଇଛନ୍ତି।

ସେହିପରି ଦୁଇ ଦିନ ତଳେ ଦୁବାଇରୁ ଇସ୍ରାଏଲ ଯାଉଥିବା ଯାତ୍ରୀବାହୀ ବିମାନକୁ କ୍ରାଶ କରିବା ପାଇଁ ସହ ପାଇଲଟ କରୁଥିବା ଉଦ୍ୟମ ପଛରେ ଇରାନ ଥିବା ମଧ୍ୟ ଟ୍ରମ୍ପ କହିଛନ୍ତି। ବୁଧବାର ଫ୍ଲାଏଦୁବାଇ ବିମାନ ମଝି ଆକାଶରେ ଥିବା ବେଳେ ଓମାନର ସହ ପାଇଲଟ କକପିଟରେ ମୁଖ୍ୟ ପାଇଲଟ ସ୍ମିତ ମଟଛାରଙ୍କୁ ଆକ୍ରମଣ କରିଥିଲେ। ଛୁରା ମାଡ ସତ୍ତ୍ୱେ ଭାରତର ସ୍ମିତ ଲଢେଇ କରି ସମ୍ଭାବ୍ୟ ୯/୧୧ ଷ୍ଟାଇଲ ଆକ୍ରମଣକୁ ରୋକି ପାରିଥିଲେ।

# ଦଶହରା ପୂର୍ବରୁ ମିଳିବ ବନ୍ୟା କ୍ଷତିପୂରଣ

## ପ୍ରାକୃତିକ ବିପର୍ଯ୍ୟୟ ବେଳେ ତ୍ରୁଟି ଅକ୍ଷମଣୀୟ

ଭୁବନେଶ୍ୱର,୨।୧୦(ନି.ପ୍ର.): ଦଶହରା ପୂର୍ବରୁ ବନ୍ୟା କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଆସନ୍ତା ୧୦ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ କ୍ଷତିପୂରଣ ପାଇବେ । ଏହା ସହିତ ପ୍ରାକୃତିକ ବିପର୍ଯ୍ୟୟରେ ସରକାରୀ କର୍ମଚାରୀଙ୍କ ତ୍ରୁଟି କ୍ଷମଣୀୟ ନୁହେଁ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ପ୍ରାକୃତିକ ଦୁର୍ବିପାକ ସମୟରେ ଅମାନିଆ ସରକାରୀ କର୍ମଚାରୀଙ୍କୁ ତାଗିଦ କରିଛନ୍ତି ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି ଯେ ସାଧାରଣ ସମୟରେ ତ୍ରୁଟି ବିଚ୍ୟୁତି ହେଲେ ଚଳିବ । କିନ୍ତୁ ବିପର୍ଯ୍ୟୟ ସମୟରେ ଲୋକେ ଦୁର୍ଦ୍ଦଶା ଭୋଗୁଥିବାବେଳେ ତ୍ରୁଟି ବିଚ୍ୟୁତିକୁ ପ୍ରଶ୍ରୟ ଦିଆଯିବ ନାହିଁ । ଏଭଳି ଅବହେଳାକୁ ସରକାର ବରଦାସ୍ତ କରି ନାହାଁନ୍ତି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଅବହେଳା କରିଥିବା ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ।

ଗତ ଦୁଇ ମାସ ହେବ ବନ୍ୟା ପ୍ରଭାବିତ ଅଞ୍ଚଳରେ କାମ କରିଥିବା ସମସ୍ତ ଅଧିକାରୀ, ଉଦ୍ଧାରକାରୀ ଦଳ ଅଗ୍ନିଶମ ବାହିନୀ, ଏନଡିଆରଏଫ ଏବଂ ଓଡ୍ରାଫ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି ।

ପ୍ରାଥମିକ ପର୍ଯ୍ୟାୟରେ ୨୬୧ କୋଟି ଟଙ୍କାର କ୍ଷତିପୂରଣ ଦିଆଯାଇଥିବା ବେଳେ ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଚୂଡ଼ାନ୍ତ କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ଶୀଘ୍ର ବାକି କ୍ଷତିପୂରଣ ଯୋଗାଇ ଦିଆଯିବ। ଧାନଠାରୁ ଆରମ୍ଭ କରି ପନିପରିବା, ବାସନ କୁସନ ଏବଂ ଲୁଗାପଟା ପାଇଁ କ୍ଷତିପୂରଣ ମିଳିବ । ଯେଉଁ ମତ୍ସ୍ୟଜୀବୀଙ୍କ ଡଙ୍ଗା ଏବଂ ଜାଲ ପାଇଁ ମଧ୍ୟ କ୍ଷତିପୂରଣ ମିଳିବ । ସମସ୍ତ ଦିଗରୁ କ୍ଷତିପୂରଣ ମିଳିବ । ତେଣୁ ଆସନ୍ତା ୧୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ସହ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଚଳିତ ବର୍ଷ ବର୍ଷା ଓ ବନ୍ୟା ସ୍ଥିତି ସଙ୍ଗୀନ ହୋଇଛି । ଏହାର ମୁକାବିଲା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହିତ ଆଲୋଚନା ଚାଲୁଛି । ମାଟି ଧସିବା ମଧ୍ୟ ଆଉ ଏକ ସମସ୍ୟା ହୋଇ ଉଭା ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ପ୍ରକୋପ କମାଇବାକୁ ଅତ୍ୟାଧୁନିକ ପ୍ରଣାଳୀ ଆପଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ମୋଦୀଙ୍କ ଉଦ୍ୟମକୁ ପ୍ରଶଂସା କଲେ ପୁତିନ

ନୂଆଦିଲ୍ଲୀ: ଦୀର୍ଘ ବର୍ଷ ହେବ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ହେବାର ଆଶା ଉଜ୍ଜୀବିତ ହୋଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ୟୁକ୍ରେନ ସହିତ ଚାଲିଥିବା ଯୁଦ୍ଧକୁ ଶେଷ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ସମାଧାନ ସୂତ୍ରକୁ ପ୍ରଶଂସା କରିଛନ୍ତି । ଯୁଦ୍ଧ ଶେଷ କରିବାକୁ ମୋଦୀଙ୍କର ଆନ୍ତରିକ ଇଚ୍ଛା ଅଛି ଏବଂ ତାଙ୍କ ନିକଟରେ ଭଲ ସୂତ୍ର ମଧ୍ୟ ରହିଥିବା କହିଛନ୍ତି ପୁତିନ ।

ଏକ ସାଧାରଣ ସଭାରେ ମୋଦୀଙ୍କୁ ଜଣେ ବିଶ୍ୱ ନେତା ଭାବେ ସମ୍ବୋଧନ କରି ପୁତିନ କହିଛନ୍ତି ଯେ ମୋଦୀ ସବୁବେଳେ ରୁଷ ସହିତ ନିଜର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିବା ସହିତ ୟୁକ୍ରେନ ସହ ଚାଲିଥିବା ସଂଘର୍ଷକୁ ଶେଷ କରିବା ପ୍ରସଙ୍ଗ ଉଠାଇଛନ୍ତି । ୟୁକ୍ରେନ୍ ସଂଘର୍ଷର ଯଥାଶୀଘ୍ର ସମାଧାନ କରିବା ପ୍ରସଙ୍ଗକୁ ନିରନ୍ତର ଭାବେ ଉଠାଇ ଆସୁଛନ୍ତି। ମୋଦୀ ଯୁଦ୍ଧ ଶେଷ କରିବାକୁ ଭଲ ପ୍ରସ୍ତାବ ଦେଇଛନ୍ତି । ମୋଦୀଙ୍କ ପ୍ରସ୍ତାବକୁ ଦୁଇ ପକ୍ଷ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛନ୍ତି ।

ରାଷ୍ଟ୍ରପତି ପୁତିନ ମୋଦୀଙ୍କୁ ଏହି ଉଦ୍ୟମ ପାଇଁ କୃତଜ୍ଞତା ଜଣାଇଛନ୍ତି । ଖୁବଶୀଘ୍ର ଶାନ୍ତିପୂର୍ଣ୍ଣ ଜରିଆରେ ଯୁଦ୍ଧ ଶେଷ ହୋଇପାରେ ବୋଲି ପୁତିନ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏକାଧିକ ବାର ଦୁଇ ରାଷ୍ଟ୍ର ନେତାଙ୍କ ସହିତ ଯୁଦ୍ଧ ଶେଷ କରିବାକୁ ଆଲୋଚନା କରିବା ସହିତ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ଅନେକ ବିଶ୍ୱ ସମ୍ମିଳନୀରେ ମୋଦୀ ଶାନ୍ତିର ମାର୍ଗ ଆପଣାଇବାକୁ ଆହ୍ୱାନ ମଧ୍ୟ କରିଛନ୍ତି ।

# ପଞ୍ଜାବ ସୀମାରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଏନକାଉଣ୍ଟର୍

ନୂଆଦିଲ୍ଲୀ,୨।୧୦: ପଞ୍ଜାବ ସୀମା ଦେଇ ଭାରତ ଭିତରକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ପାକିସ୍ତାନ ଅନୁପ୍ରବେଶକାରୀଙ୍କ ଉଦ୍ୟମ ବିଫଳ ହୋଇଛି । ସୀମା ସୁରକ୍ଷା ବଳର ଯବାନମାନେ ୨ ଜଣ ପାକିସ୍ତାନୀ ଚୋରା ଚାଲାଣକାରୀଙ୍କୁ ନିପାତ କରିଛନ୍ତି । ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ବିଏସ୍ଏଫ୍ ଯବାନମାନେ ତାରନ୍ ତାରନ୍‌ର ରାଜୋକେ ଅଞ୍ଚଳରେ ଦୁଇ ଜଣ ସନ୍ଦିଗ୍ଧଙ୍କ ଗତିବିଧି ଦେଖିବାକୁ ପାଇଥିଲେ ।

ଘଟିଛି । ସୀମାରେ ଲାଗିଥିବା କଣ୍ଟାତାର ବାଡ଼ ଭିତରେ ଅନ୍ଧକାରର ସୁଯୋଗ ନେଇ ପ୍ରାୟ ତିନିଜଣ ସନ୍ଦିଗ୍ଧ ପାକିସ୍ତାନୀ ଭାରତୀୟ ସୀମା ଭିତରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ । ମୁତୟନ ଥିବା ଯବାନମାନେ ଥର୍ମାଲ୍ ଇମେଜିଙ୍ଗ୍ ଏବଂ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେହି ସନ୍ଦିଗ୍ଧମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ । ସେତେବେଳକୁ ସନ୍ଦିଗ୍ଧମାନେ ଭାରତୀୟ ସୀମା ଭିତରକୁ ପ୍ରବେଶ କରିସାରିଥିଲେ। ଯବାନମାନେ ସନ୍ଦିଗ୍ଧଙ୍କୁ ପଛଘୁଞ୍ଚା ଦେବାକୁ ଆହ୍ୱାନ କରିଥିଲେ ସୁଦ୍ଧା ସେମାନେ ଶୁଣି ନଥିଲେ । ପଛକୁ ଫେରିବା ପରିବର୍ତ୍ତ ଅନୁପ୍ରବେଶକାରୀମାନେ ଲୁଚିବାକୁ ଚେଷ୍ଟା କରିଥିଲେ। ବାରମ୍ବାର ଚେତାବନୀ ଦିଆଯିବା ସତ୍ତ୍ୱେ, ସୁରକ୍ଷା ଦୃଷ୍ଟିରୁ ସୁରକ୍ଷାବାହିନୀ ଗୁଳି ଚଳାଇବାକୁ ବାଧ୍ୟ ହୋଇଥିଲେ । ଦୁଇ ଜଣଙ୍କୁ ସୁରକ୍ଷାବାହିନୀ ଏନକାଉଣ୍ଟର କରିଥିଲେ । ଏହି ଅନୁପ୍ରବେଶକାରୀମାନେ ଏକ କିଛି ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ପ୍ରବେଶ କରୁଥିବା ସନ୍ଦେହ କରଯାଉଛି । ସେମାନଙ୍କଠାରୁ ଉଦ୍ଧାର ହୋଇଥିବା ଜିନିଷପତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ଡାହୁ

ଅନ୍ଧ ଭକ୍ତ ଅନ୍ଧ ହୋଇକି ରହିଲେ
ଆଶା କରି ଭଲ ଫଳକୁ
ବିହନ ଯେଉଁଠି ଖରାପ ପଡିଚି
ପଟୁ ମାଟି କେଉଁ କୂଳକୁ
ଦେଶ ପରିସ୍ଥିତି ଯାହା
ନେଡି ଗୁଡ ଗଲେ କହୁଣିକୁ ବୋହି
ହେବ ହେବାକଥା ଯାହା



- ବିଧୁ

# ୭୦୦ ବିକ୍ଷୋଭକାରୀଙ୍କୁ ଉଠାଇ ନେଲା ପୋଲିସ

ନୂଆଦିଲ୍ଲୀ: ଭାରତୀୟ ନିର୍ବାଚନ ଆୟୋଗଙ୍କ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଏସ୍ଆଇଆର୍ ବିରୋଧରେ ଦିଲ୍ଲୀରେ ଜନ୍ତରମନ୍ତରଠାରେ ପ୍ରବଳ ବିରୋଧ ପ୍ରଦର୍ଶନ ହୋଇଛି । ସିପିଆଇ (ଏମ୍), ଏସ୍ଏଫ୍ଆଇ, ଡିୱାଇଏଫଆଇ ଦେଇଥିବା ଆନ୍ଦୋଳନ ଡାକରେ ବିରୋଧୀ ଦଳର ନେତାମାନେ ସାମିଲ ହୋଇଛନ୍ତି । ଆମ ଆଦମୀ ପାର୍ଟିର ଅନେକ ନେତୃବୃନ୍ଦ ସାମିଲ ହୋଇଛନ୍ତି ।

ଆନ୍ଦୋଳନକାରୀଙ୍କୁ ରୋକିବାକୁ ଯନ୍ତରମନ୍ତରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବନ୍ଦ ରଖାଯାଇଥିଲା । ଜନ୍ତର ମନ୍ତର, ଟଲଷ୍ଟୟ ମାର୍ଗ ଏବଂ କେରଳ ହାଉସ୍ ସ୍ଥିତ ବିକ୍ଷୋଭ ସ୍ଥଳକୁ ଉଭୟ ପାର୍ଶ୍ୱରୁ ଅବରୋଧ କରାଯାଇଛି ଏବଂ ଅଶୋକ ରୋଡ୍ ନିକଟରେ ବାରିକେଡ୍ ମଧ୍ୟ ଲଗାଯାଇଥିଲା । ଦିଲ୍ଲୀର ୧୨ଟି ମେଟ୍ରୋ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ଜାରି କରାଯାଇଥିଲା । ପ୍ରାୟ ୫୦୦୦ ସୁରକ୍ଷାକର୍ମୀଙ୍କୁ ଦିଲ୍ଲୀ ଉପରେ ମୁତୟନ କରାଯାଇଥିଲା । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଲାଗୁ ହୋଇଥିବା ଧାରା ୧୬୩କୁ କେହି ଖାତିର କରିନଥିଲେ ।



ଆନ୍ଦୋଳନକାରୀ ଜନ୍ତରମନ୍ତର ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୋଲିସ ବିଭିନ୍ନ ସ୍ଥାନରେ ଅଟକାଇବାକୁ ଚେଷ୍ଟା କରିଥିଲା । ଏହି ଆନ୍ଦୋଳନରେ ଆପ୍ ନେତା ସଞ୍ଜୟ ସିଂହ, ଆତଶୀ ମାର୍ଲ ?ନା, ଯୋଗେନ୍ଦ୍ର ଯାଦବ, ସାଂସଦ ମନୋଜ ଝା, ସିଜେପି କାର ?ୟକର୍ତ୍ତା ବିଜେତା ଦହିୟା, ପ୍ରମୁଖ ସାମିଲ ହୋଇଥିଲେ । ପୋଲିସ ସମସ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ଜଣକ ପରେ ଜଣକୁ ଅଟକ ରଖିଥିଲା । ଦିଲ୍ଲୀ ପୋଲିସ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଛି ଯାଇଛି । ମେଟ୍ରୋ ଷ୍ଟେସନ ନିକଟରୁ ଆତିଶୀ ମାର୍ଲ ?ନା, ଅନୁରାଗ ଢାଣ୍ଡା, କୁଲଦୀପ କୁମାର, ସୌରଭ ଭରଦ୍ୱାଜ, ସଞ୍ଜୟ ସିଂ ପ୍ରମୁଖଙ୍କୁ ପୋଲିସ ଅଟକ ରଖିଛି । ଏହା ସହିତ ବିଭିନ୍ନ ଛାତ୍ର ସଂଗଠନର ନେତାମାନେ ମଧ୍ୟ ସାମିଲ ଅଛନ୍ତି ।



# ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଓ ବଳିଦାନ ଦେଶ ମନେ ରଖିବ : ସିପିଆଇ



**କଟକ, ୨।୧୦ (ନି.ପ୍ର):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଜୟ ଯବାନ,ଜୟ କିଷାନ୍ ର ଜନକ ଶାସ୍ତ୍ରୀ ଜୟନ୍ତୀ ନବଯୁଗ ପ୍ରେସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଇସ୍କଫ୍ ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ ଅଧ୍ୟକ୍ଷତା କରି ସାମ୍ପ୍ରଦାୟିକ ସଦଭାବନା, ଶାନ୍ତି ଓ ଜାତୀୟ ସଂହତି ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା କିଶୋର ଜେନା ବିଶ୍ୱରେ ମଣିଷ ହିଂସା ମନୋବୃତ୍ତି ପରିହାର କଲେ ଶାନ୍ତି ପ୍ରତିଷ୍ଠା ହେବ ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟ କାରିଣୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି ଗାନ୍ଧୀ ଶାସ୍ତ୍ରୀ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀ ପଥ ଅନୁସରଣ କରି ସମାଜରୁ ଘୃଣା ଓ ବିବାଦୀୟ ମାନସିକତା ପରିହାର କଲେ ଶାନ୍ତି ପ୍ରତିଷ୍ଠା ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ୍ ବିହାରୀ ପାଢ଼ୀ, ଭ୍ରମରବର ସାହୁ, ଅଶୋକ ତା କ୍ଷୀରୋଦ ବିଶ୍ୱାଳ, ମନୋଜ ରଥ, ଅଭୟ ପଟ୍ଟନାୟକ, ଭାବଗ୍ରାହୀ ଦାସ, କୁଳମଣୀ ପଣ୍ଡା,ସଞ୍ଜୟ ପରିଜା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ପରିଚାଳନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗାନ୍ଧୀ ଜୟନ୍ତୀରେ ବାରବାଟୀ–କଟକ ନିର୍ବାଚନୀ ମଣ୍ଡଳୀରେ ବିଜେଡିର 'ଜନସମ୍ପର୍କ ପଦଯାତ୍ରା'

# ସତ୍ୟ, ଅହିଂସା ଓ ଜନସେବାର ବାର୍ତ୍ତା ନେଇ ରାସ୍ତାକୁ ଓହ୍ଲାଇଲେ ବିଜେଡି ନେତା ଓ କର୍ମୀ

**କଟକ,୨।୧୦ (ନି.ପ୍ର):** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସତ୍ୟ, ଅହିଂସା, ଶାନ୍ତି, ସଦ୍ ?ଭାବ ଓ ଜନସେବାର ମହାନ ବାର୍ତ୍ତାକୁ ସ୍ମରଣ କରି ବାରବାଟୀ–କଟକ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ 'ଜନସମ୍ପର୍କ ପଦଯାତ୍ରା' ଆୟୋଜିତ ହୋଇଯାଇଛି। ଓଡ଼ିଶା ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ତଥା ବାରବାଟୀ–କଟକ ନେତା ଶ୍ରୀ ସୁବାସ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଦଳର ବହୁ ନେତା, କାର୍ଯ୍ୟକର୍ତ୍ତା ଓ ସମର୍ଥକ ଉତ୍ସାହର ସହ ସାମିଲ ହୋଇଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ଏହି ପଦଯାତ୍ରା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା, ଆଦର୍ଶ ଓ ଜନସେବାର ମୂଲ୍ୟବୋଧକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସାଧାରଣ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଜି ସକାଳ ପ୍ରାୟ ୯ଟା ସମୟରେ ବକ୍ସି ବଜାର ,କଟକ ,ସମାଜ ଅଫିସ୍ ? କାର୍ଯ୍ୟାଳୟ ସମ୍ମୁଖରୁ ଏହି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ଶ୍ରୀ ସୁବାସ ସିଂହଙ୍କ ନେତୃତ୍ୱରେ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଏବଂ କର୍ମୀ ମାନେ ପଦଯାତ୍ରାରେ ଆଗେଇ ଚାଲିଥିଲେ। ହାତରେ ଦଳୀୟ ପତାକା ଧରି ପ୍ରାୟ ୧୦୦୦ ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଓ ସମର୍ଥକ ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସାର ଆଦର୍ଶ ସହ ଶାନ୍ତି, ସଦ୍ ?ଭାବ, ଭାଇଚାରା ଓ ଜନସେବାର ବାର୍ତ୍ତା ପ୍ରଚାର କରାଯାଇଥିଲା। ଲୋକଙ୍କ ସହ ମିଶିବା, ସେମାନଙ୍କ ସହ ଆଲୋଚନା କରିବା ଓ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସମାଜ ଅଫିସ୍ ? ସମ୍ମୁଖରୁ ଆରମ୍ଭ ହୋଇଥିବା ପଦଯାତ୍ରା ଆଗକୁ ବଢ଼ି ସହିଦ ଭବନ ପରିସରରେ ପହଞ୍ଚିଥିଲା। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ନେତା ଓ କାର୍ଯ୍ୟକର୍ତ୍ତାମାନେ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶକୁ ସ୍ମରଣ କରିଥିଲେ। ସତ୍ୟ ଓ ଅହିଂସା ମାଧ୍ୟମରେ ସମାଜରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା କରିବା, ଦୁର୍ବଳ ଓ ଅସହାୟଙ୍କ ପାଇଁ କାମ କରିବା ଏବଂ ଜନସେବାକୁ ଜୀବନର ଏକ ପ୍ରମୁଖ ଲକ୍ଷ୍ୟ ଭାବେ ଗ୍ରହଣ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ମତାମତ ଶୁଣିବା ସହ ସାଧାରଣ ଲୋକଙ୍କ ସହ ନିରନ୍ତର ଯୋଗାଯୋଗ ରଖିବାର ବାର୍ତ୍ତା ଏହି ପଦଯାତ୍ରା ମାଧ୍ୟମରେ ଦିଆଯାଇଥିଲା। ଉପସ୍ଥିତ




ନେତା ଓ କାର୍ଯ୍ୟକର୍ତ୍ତାମାନେ କହିଥିଲେ ଯେ, ଜନସମ୍ପର୍କ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସୀମିତ ନ ରହି ନିରନ୍ତର ଭାବେ ଲୋକଙ୍କ ସହ ଯୋଡ଼ି ରହିବାର ଏକ ପ୍ରକ୍ରିୟା। ଲୋକଙ୍କ ମତାମତ ଓ ଅଭିଯୋଗ ଶୁଣି ସେମାନଙ୍କ ସହ ଆଲୋଚନା କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନପ୍ରତିନିଧି ଓ ରାଜନୈତିକ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ପଦଯାତ୍ରା ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନ ଓ ଦର୍ଶନ ଉପରେ ଆଲୋଚନା କରାଯାଇଥିଲା। ସତ୍ୟ, ଅହିଂସା, ସରଳତା, ସେବା ଓ ସାମାଜିକ ସଦ୍ ?ଭାବ ଗାନ୍ଧୀଜୀଙ୍କ ଜୀବନର ମୁଖ୍ୟ ଆଦର୍ଶ ଥିଲା ବୋଲି ଉପସ୍ଥିତ ନେତାମାନେ ଉଲ୍ଲେଖ କରିଥିଲେ। ସମାଜରେ ଜାତି, ଧର୍ମ, ଭାଷା ଓ ବର୍ଗ ନିର୍ବିଶେଷରେ ଭାଇଚାରା ଓ ସହଯୋଗର ଭାବନାକୁ ମଜବୁତ କରିବା ସହ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବିଜୁ ଜନତା ଦଳ ର ରାଜ୍ୟ କୋଷାଧକ୍ଷ ଶ୍ରୀ ସୁବାସ ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନସମ୍ପର୍କ ପଦଯାତ୍ରାରେ ବାରବାଟୀ–କଟକ ନିର୍ବାଚନୀମଣ୍ଡଳୀ ରୁ ମହିଳା କମିଶନର ତଥା ବିଜୁ ଜନତା ଦଳ ର ମହିଳା ଉପସଭାପତି ମିନତୀ ବେହେରା ଅତିଥି ରୂପେ ତଥା ଜିଲ୍ଲା (ସହର ) ସଭାପତି ଶ୍ରୀ ସ୍ୱଦେଶ ଦାସ ,ଅଇନିଜୀବି ଶଶିଭୂଷଣ ଦାସ , ଭାରତୀ ଦାସ ,ରାଜ୍ୟ କାର୍ଯ୍ୟକାରଣି ସଦସ୍ୟ ଶ୍ରୀ ପ୍ରକାଶ ସିଂହ,,ଜିଲ୍ଲା କୋଷାଧକ୍ଷ ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ମାଝୀ, , ରାଜ୍ୟ ସାଧରଣ ସମ୍ପାଦକ ମହମଦ ସକିଲସଂଖ୍ୟାଲଘୁ କମିଟି ସଭାପତି ଶ୍ରୀ ମୋକିମ ଖାନ, ପୂର୍ବତନ ମେୟର ଅନିତା ବେହେରା, ଅଂଶୁ ତ୍ରିପାଠୀ,,ଜିଲ୍ଲା ମହିଳା ସଭାପତି ଶ୍ରୀମତୀ ଏ.ଶ୍ରୀଦେବୀ ,,ସ୍ମିତା ମୂଳିଆ ,ସଂଗୀତ ଦାସ, ଜିଲ୍ଲା ଯୁବ ସଭାପତି ଶ୍ରୀ ସୌମ୍ୟ ଦର୍ଶନ ବେହେରା, ଜିଲ୍ଲା ଛାତ୍ର ସଭାପତି ଶ୍ରୀ ଶିବ ଶଙ୍କର ସିଂ , ଆଇନିଜୀବି ବିନୋଦ ପଣ୍ଡା ଜିଲ୍ଲା କାର୍ଯ୍ୟକାରି ସଭାପତି ଶ୍ରୀ ଜନ ଆଶିଷ ବରାଳ, ନନ୍ଦଲାଲ ଶର୍ମା,କର୍ପୋରେଟର ପ୍ରଦୀପ କୁମାର ରାଉତ, ପ୍ରଦୀପ କୁମାର ସାହୁ ,ବସନ୍ତ କୁମାର ବେହେରା , ଅକ୍ଷୟ ମହାନ୍ତି ,ମହମଦ ଇଫତିକାର ଆଲାମ, ଚନ୍ଦନ ଜେନା , ରବିନାରାୟଣ ସାହୁ , ପୁଷ୍ପିତା ମହାନ୍ତି , ଦିପ୍ତିମୟୀ ମୂଳିଆ, ଇତିଶ୍ରୀ ଦାସ , ବନଲତା ପ୍ରଧାନ, ନାମିତା ବାରିକ, ମୋନାଲିଶା ଦାସ, ଆରତୀ ସାହୁ , ଦୀପାଞ୍ଜଳି ସିଂ , ପ୍ରିୟମ୍ବଦା ମହାନ୍ତି, ଲକ୍ଷ୍ମୀ ପ୍ରିୟା ବେହେରା ,ପ୍ରେମନସୁ ଭୂଷଣ ବେହେରା କୃରେଷା ନୁର, ଅରୁନ୍ଧତୀ କର, କେ.ଜେଡ . ଆଫ୍ରିନ, ବିଜେଡି ୱାର୍ଡ ସଭାପତି ବିଶ୍ୱନାଥ ଧୀର , ସୁଦାମ କୁମାର ପରିଡା , ପ୍ରତାପ କୁମାର ସାହୁ , ସୌମେନ୍ଦ୍ର ସାହୁ ,କାଳିଚରଣ ପାଣିଗ୍ରାହୀ ,ସେକ ରିୟାଜ୍ ଉଲହା,ପ୍ରଭାତ କୁମାର ଦାସ, ବୀରେନ୍ଦ୍ର ବେହେରା, ଦୁର୍ଗା ଚରଣ ସାହୁ ,ସତ୍ୟବ୍ରତ ରଣା, ପରେଶନାଥ ଦାସ , ବିଶ୍ୱନାଥ ମହାରଣା, ବିଜେଡି ନେତୃମଣ୍ଡଳୀ ଦେବେନ୍ଦ୍ର ପାଣିଗ୍ରାହୀ ଲାଲ ପ୍ରତାପ ରାୟ,, ସୁବ୍ରତ ମହାନ୍ତି ,ସୁବାସିସ ପଣ୍ଡା,ଜନଶନ ମହାପାତ୍ର, ଅଶୋକ କୁମାର ସିଂ, ସରୋଜ ରଞ୍ଜନ କର ,ପ୍ରଶାନ୍ତ ନାୟକ ,ନିମାଇଁ ବିଶ୍ୱାଳ , ଶରତ ସ୍ୱାଇଁ, ସଞ୍ଜୟ କୁମାର ଦାସ , ଦେବାଶିଷ ପ୍ରଧାନ , ବିକାଶ ଯୋଶୀ, ସୌମ୍ୟ ରଞ୍ଜନ ସାହୁ ,ସେକ ଅବିଦ, ସୟଦ ଶେଖାୱତ୍ ଅଲି, ସକିଲ ଏକତାର, ସଜାଦ ହୁସେନ, ଷ୍ଟେଫେନ ବେହେରା, ଆଜ୍ଜିଜ୍ ଖାନ ,ମିହିର କୁମାର ସାହୁ ,ସୟଦ ଇମରାନ, କେ.ନିଖିଳ କୁମାର, ବିଜୁ ଜନତା ଦଳର ବହୁ ନେତା, ବିଭିନ୍ନ ସ୍ତରର କାର୍ଯ୍ୟକର୍ତ୍ତା, ଯୁବ ଓ ଛାତ୍ର କାର୍ଯ୍ୟକର୍ତ୍ତା, ମହିଳା କାର୍ଯ୍ୟକର୍ତ୍ତା ଏବଂ ଦଳୀୟ ସମର୍ଥକମାନେ ଯୋଗ ଦେଇଥିଲେ। ପଦଯାତ୍ରାକୁ ନେଇ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଗାନ୍ଧୀ ଜୟନ୍ତୀର ମହତ୍ତ୍ୱକୁ ସ୍ମରଣ କରିବା ସହ ଜନସାଧାରଣଙ୍କ ନିକଟତର ହେବା ଓ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ପଦଯାତ୍ରା ଏକ ଅବସର ସୃଷ୍ଟି କରିଥିଲା।

# ଗାନ୍ଧୀ ଜୟନ୍ତୀ ରେ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ ଉତ୍ସବ




**କୁଚିଣ୍ଡା, ୦୨/୧୦(ନି.ପ୍ର.):**କୁଚିଣ୍ଡା ଉପଖଣ୍ଡୀୟ ମହୁକୁମାସ୍ଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ୨୪ତମ ବର୍ଷ ର ପ୍ରତିଭା ଚୟନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ସହବ୍ଲକ ଶିକ୍ଷା ଅଧିକାରୀ ବିନୋଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସାନ୍ତନୁ କୁମାର ସାହୁ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀ ଓ ଶାସ୍ତ୍ରୀଜୀ ଙ୍କ ଆଦର୍ଶ ଏବଂ ଦେଶମାତୃକାର ପାଇଁ ସଂଗ୍ରାମ ସମଗ୍ର ଦେଶ ତଥା ଦେଶ ବାହାରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ?ଥିବା ଗୁରୁତ୍ୱାରୋପ କରିଥିଲେ । ସଭାରେ ଅବସରପ୍ରାପ୍ତ ସିନେ ସମ୍ପାଦକ ଡ. ଦିଲିପ ପାଣି ମୂଖ୍ୟବକ୍ତା ଭାବେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାଏକ , କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟପରିଚାଳକ ଡା. ସତ୍ୟବ୍ରତ ଦୋରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ଅଧ୍ୟାପକ ଦେବେନ୍ଦ୍ର ନାଏକ ଅଭିଯାନର ବିବରଣୀ ପାଠ କରିଥିଲେ ଏବଂ ସଂଯୋଜକ ରମେଶ କିସାନ ଅଭିଯାନର ବିଗତ କାର୍ଯ୍ୟ ଓ ସଦସ୍ୟତା ସହାୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଆବାହାକ ପ୍ରଭାତ ବେହେରା ଗତ ୨୪ ବର୍ଷ ଧରି ସଦସ୍ୟଙ୍କ ସହଯୋଗରେ ଚାଲିଥିବା ଅଭିଯାନର ସଫଳତା ଓ ଉଦ୍ଦେଶ୍ୟ ସଂକ୍ରାନ୍ତରେ ବକ୍ତବ୍ୟ ଦେଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ,ଲିଖନ ସାଧାରଣ ଜ୍ଞାନ ପରୀକ୍ଷା, ଫୁଲତୋଡା ତିଆରି ପ୍ରଦର୍ଶନ , ଏକକ ଅଭିନୟ , ରଂଗୋଲି ଆଦି ପ୍ରତିଯୋଗିତାର ୪୬ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ଟ୍ରଫି,ପ୍ରମାଣପତ୍ର ଓ ଅର୍ଥ ଦେଇ ପୁରସ୍କୃତ କରିଥିଲେ । ସଭା ପ୍ରାରମ୍ଭରେ ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଉତ୍ସବରେ ସ୍ୱର୍ଗତ ଶୁଭମ ଗଡତିଆ ସ୍ମୃତି ପୁରସ୍କାର ,ଭାଗଚାନ୍ଦ୍ର ଅଗ୍ରୱାଲା ସ୍ମୃତି , ଶୁବୋଧ ଶର୍ମା ସ୍ମୃତି , ଭବାନୀ ଦାସ ସ୍ମୃତି ,ଅଶୋକ ନାଏକ ସ୍ମୃତି ପୁରସ୍କାର ସମେତ ବହୁ ଅଭିଯାନ ସଦସ୍ୟଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ସୁଗତ ପଟେଲ, ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ , ବରିଷ୍ଟ ଶିକ୍ଷକ କୈଳାସ ପଟେଲ, ଶରତ ପଶାୟତ, ସଂଜୟ ନାଗ , ବୈରଭ ସାହୁ, ମନୋଜ ମଲ୍ଲିକ ,ରାଜେଶ ପ୍ରଧାନ , ତନୟା ହଂସ ସମେତ ସମେତ ଶିକ୍ଷକ,ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ କୁଚିଣ୍ଡା ବିଜ୍ଞାପିତ ପରିଷଦ ସମେତ ବ୍ଲକର ୨୭୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

# ମଣ୍ଟେସୋରୀ ପବ୍ଲିକ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ସ୍ୱଚ୍ଛତା ରେଲି ଆୟୋଜିତ

**ବଲାଙ୍ଗିର,୨/୧୦ (ନି.ପ୍ର):** ସ୍ଥାନୀୟ ବଲାଙ୍ଗିର ସହର ମାଳପଡା ସ୍ଥିତ ମଣ୍ଟେସୋରୀ ପବ୍ଲିକ ସ୍କୁଲ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ସ୍କୁଲ ପ୍ରତିଷ୍ଠାତା ତଥା ମେନେଜିଙ୍ଗ ଡାଇରେକ୍ଟର ରବିଚନ୍ଦ୍ର ଉଦ୍‌ଗାତା, ଚେୟାରମ୍ୟାନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତା, ଏକାଡେମିକ ପ୍ରିନ୍ସିପାଲ ଡ. ରବିଚନ୍ଦର ପଶାୟତ ପ୍ରମୁଖ ଗାନ୍ଧୀ ଓ ଶାସ୍ତ୍ରୀ ଜୀ ଙ୍କ ଫଟୋଚିତ୍ର ରେ ଫଳ ଚନ୍ଦନ ଶତାଧିକ ଛାତ୍ରୀ, ଶିକ୍ଷକ, ଶିକ୍ଷିକା, ଅଭିଭାବକ ବୃନ୍ଦ ଯୋଗଦାନ କରିଥିଲେ । ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଙ୍କ ଆକର୍ଷଣୀୟ ବେଶ୍ ପୋଷାକରେ ସୁସଜ୍ଜିତ ହୋଇ ପଦଯାତ୍ରାରେ ଝଲସି ଉଠୁଥିଲେ । ସ୍ୱଚ୍ଛତା ସମ୍ପର୍କିତ ପ୍ଲା କାର୍ଡ ପ୍ରଦର୍ଶନ ଓ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ରାଲି ରେ ସାମ୍ବାଦିକ ଆକୁଳ ବେହେରା, ସମାଜସେବୀ ଅନୟା ଦାଶ, ରାମ ଦାଶ




ସମର୍ପଣ କରି ପୂଜାର୍ଚ୍ଚନା କରିଥିଲେ । ଗାନ୍ଧୀ ଦର୍ଶନ ଭାରତ ବର୍ଷ କାହିଁକି ବିଶ୍ୱବ୍ୟାପୀ ସ୍ୱୀକୃତି ହୋଇଛି ଏବଂ ଭାରତ ବର୍ଷକୁ ବିକାଶୋନ୍ମୁଖୀ ଦେଶ ଭାବରେ ଗଢି ତୋଳିବାରେ ଗାନ୍ଧୀ ଓ ଶାସ୍ତ୍ରୀ ଙ୍କ ସ୍ୱପ୍ନ ଏବଂ ପ୍ରୟାସ ଅତୁଳନୀୟ ବୋଲି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ବୃନ୍ଦ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ସେ ସହରରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା ରେଲି ରେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଆଶିକ ଯୋଷୀ, ରୋହିତ ବକୁଳ, ଆରତି ପ୍ରିୟଦର୍ଶନୀ, ନମିତା ସାଗର, ଆଶାରାଣୀ ବିଶ୍ୱାଳ, ମୋନାଲିସା ସାହୁ, ସ୍ନିଗ୍ଧା ବାରିକ, ପ୍ରୀତି ପୂର୍ଣ୍ଣା ମିଶ୍ର, ଆର ସୁଲତାନା, ହାଡୁ କୁମ୍ଭାର ପ୍ରମୁଖ ସଂଯୋଜନା କରିଥିଲେ । ଶେଷରେ ଅନୁପମା ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରି ଜିଲ୍ଲା ପ୍ରତିଷ୍ଠା ଦିବସ ସହ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ମାଲକାନଗିରି ,୨/୧୦(ନି.ପ୍ର):** ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ପରିସରରେ ଆଜି ଏକ ମହାସମାରୋହରେ ଜିଲ୍ଲା ପ୍ରତିଷ୍ଠା ଦିବସ, ପବିତ୍ର ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି।



ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଜିଲ୍ଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ନିଜ ବକ୍ତବ୍ୟରେ ସାଂସଦ କହିଥିଲେ ଗାନ୍ଧୀଜୀଙ୍କ ବିକଶିତ ଭାରତର ସ୍ୱପ୍ନ ଓ ଆଦର୍ଶକୁ ଆଧାର କରି ଆଜି ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ଜରିଆରେ ମାଲକାନଗିରି ଜିଲ୍ଲା ବିକାଶର ଏକ ନୂତନ ରାସ୍ତାରେ ଆଗେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଜିଲ୍ଲାର ଗୌରବମୟ ଇତିହାସ, ସଂସ୍କୃତି ଏବଂ ଗାନ୍ଧୀଜୀ–ଶାସ୍ତ୍ରୀଜୀଙ୍କ ଅହିଂସା ଓ ସରଳତାର ଆଦର୍ଶ ଆମ ସମସ୍ତଙ୍କୁ ଏକ ସମୃଦ୍ଧ ଓ ସଶକ୍ତ ମାଲକାନଗିରି ଗଠନ ପାଇଁ ପ୍ରେରଣା ଦିଏ। ଅନ୍ୟାନ୍ୟ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରଗତି ଏବଂ ପୂଜ୍ୟପୂଜାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ମହାପୁରୁଷଙ୍କ ନୀତି–ଆଦର୍ଶକୁ ଜୀବନରେ ଆପଣେଇ ସମାଜରେ ଶାନ୍ତି, ସଦ୍‌ଭାବ ଓ ଏକତା ବଜାୟ ରଖିବା ହିଁ ଜିଲ୍ଲା ପ୍ରତିଷ୍ଠା ଦିବସର ମୂଳ ଲକ୍ଷ୍ୟ। ଏହି ସମାରୋହରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସି.ଡି.ଓ-କମ୍-ଇ.ଓ (ଜିଲ୍ଲା ପରିଷଦ) ଦାଶରଥି ସରାବୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଉପସ୍ଥିତ ଥିଲେ। ଏଥିସହିତ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ଫାଦର ଲାଲୁ ତୁଷାର ପାଣି, ହିନ୍ଦୁ ପୂଜକ ସନ୍ତୋଷ ପଣ୍ଡା ଏବଂ ବୌଦ୍ଧ ଧର୍ମର ପ୍ରତିନିଧି ଦେଶୀ ରାଜୁ ଆଚାରୀ ଯୋଗଦେଇ ସର୍ବଧର୍ମ ପ୍ରାର୍ଥନା ସହ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଥିଲେ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସିଭିଲ ସୋସାଇଟିର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟରେ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀରେ ସେବା, ସ୍ୱଚ୍ଛତା ଓ ଦେଶପ୍ରେମର ବାର୍ତ୍ତା



**ପାରାଦ୍ୱୀପ, ୨।୧୦ (ନି.ପ୍ର):** ଡିଏଭି ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଇକୋ କ୍ଲବ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ସ୍କାଉଟ୍ ଓ ଗାଇଡ୍‌ର ଛାତ୍ରଛାତ୍ରୀମାନେ ରକ୍ତଦାନ ସଚେତନତା ରାଲି ମାଧ୍ୟମରେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇଁ 'ଜଙ୍କଭ ଲକ୍ଟକ୍ସ DAV' ମଧ୍ୟ ଆୟୋଜିତ ହୋଇଥିଲା । ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ, ଆଦର୍ଶ ଓ ଦେଶ ପାଇଁ ଅବଦାନ ଉପରେ ଏକ ତଥ୍ୟଭିତ୍ତିକ ଚଳଚ୍ଚିତ୍ର (ଡକ୍ୟୁମେଣ୍ଟାରୀ ଭିଡିଓ) ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଶିକ୍ଷକ ଓ ଛାତ୍ରୀ ସାଂସ୍କୃତିକ ସଚିବଙ୍କ ଦ୍ୱାରା ପ୍ରେରଣାଦାୟୀ ଭାଷଣ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟ୍ୟାଭିନୟ ଏବଂ ମନମୁଗ୍ଧକର ଦଳୀୟ ସଙ୍ଗୀତ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା ତାଙ୍କ ଅଭିଭାଷଣରେ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତାର ଆଦର୍ଶ ଏବଂ ଶାସ୍ତ୍ରୀଜୀଙ୍କ ସରଳତା, ଶୃଙ୍ଖଳା ଓ ଦେଶସେବାର ମୂଲ୍ୟବୋଧକୁ ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ ଓ ଶେଷରେ ଶିକ୍ଷୟିତ୍ରୀ ସ୍ମୃତିରେଖା ସାହୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ କ୍ଷ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ ସ୍ମରଣ କରିବା ସହିତ ଛାତ୍ରଛାତ୍ରୀଙ୍କ ମନରେ ସ୍ୱଚ୍ଛତା, ସେବା, ଶୃଙ୍ଖଳା ଓ ଦେଶପ୍ରେମର ଭାବନା ଜାଗ୍ରତ କରାଯାଇଥିଲା।

# ସୀତାକୁଣ୍ଡରୁ ଜାଫ୍ରା ଚାଷ: ବିକାଶର ନୂଆ ରୋଡମ୍ୟାପ୍ ଖୋଜିଲେ ଜିଲ୍ଲାପାଳ

**ମାଲକାନଗିରି, ୨/୧୦(ନି.ପ୍ର):** ମାଲକାନଗିରି ଜିଲ୍ଲାର ପର୍ଯ୍ୟଟନ ବିକାଶ, ଆଦିବାସୀ ସଶକ୍ତିକରଣ ଓ କୃଷିକ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନେତୃତ୍ୱରେ ଏକ ସମୀକ୍ଷା ଗସ୍ତ ଅନୁଷ୍ଠିତ ହୋଇଛି। ଗସ୍ତ ସମୟରେ ଖଇରପୁଟ ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସୀତାକୁଣ୍ଡର ପୁନର୍ବିକାଶ ସହ ଚିତ୍ରକୋଣ୍ଡା ବ୍ଲକର ଜାଫ୍ରା ଚାଷ ଓ ଆଦିବାସୀ ହିତାଧିକାରୀଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରାଯାଇଥିଲା। ପ୍ରଥମେ ଜିଲ୍ଲାପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ସୀତାକୁଣ୍ଡ ପରିଦର୍ଶନ କରିଥିଲେ। ସୀତାକୁଣ୍ଡର ପ୍ରାକୃତିକ, ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ସର୍ବାଙ୍ଗୀନ ବିକାଶ ନେଇ ଆଲୋଚନା ହୋଇଥିଲା। ଏହି ଗସ୍ତରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର କର୍ମକର୍ତ୍ତା, ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଭୁବନେଶ୍ୱରରୁ ଆସିଥିବା ସ୍ଥାପତ୍ୟ ବିଶେଷଜ୍ଞ ଦଳ ଉପସ୍ଥିତ ଥିଲେ। ସୀତାକୁଣ୍ଡରେ ଆବଶ୍ୟକ ଭିତ୍ତିଭୂମି, ପର୍ଯ୍ୟଟକଙ୍କ ପାଇଁ ସୁବିଧା, ସୌନ୍ଦର୍ଯ୍ୟୀକରଣ, ପରିବେଶ ସୁରକ୍ଷା ଓ ଭବିଷ୍ୟତ ପୁନର୍ବିକାଶ ଯୋଜନା ନେଇ ବିଶେଷଜ୍ଞଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ପ୍ରାକୃତିକ ପରିବେଶକୁ କ୍ଷତି ନପହଞ୍ଚାଇ ସୀତାକୁଣ୍ଡକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ଟିମ୍ ଚିତ୍ରକୋଣ୍ଡା ବ୍ଲକର ପୋପଲୁର ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ପୋପଲୁର, କୁର୍ମାନୁର ଓ କପାତୁଟି ପଞ୍ଚାୟତର ଆଦିବାସୀ ହିତାଧିକାରୀଙ୍କ ସହ ବୈଠକ କରାଯାଇ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି ଭିବି-ଜି ରାମ-ଜି ଯୋଜନା ଅଧୀନରେ ଆଦିବାସୀ ହିତାଧିକାରୀଙ୍କୁ ମଜୁରି ପ୍ରଦାନ, ମଣ୍ଡି ଓ ଶୁଖାଇବା ଅଗଂନ ନିର୍ମାଣ, ଜବ୍ କାର୍ଡ ପ୍ରଦାନ ଏବଂ କ୍ୟାମ୍ପ ମୋଡ୍ ?ରେ ଆଧାର ଅପଡେଟ୍ ଭଳି ବିଷୟ ଉପରେ ଆଲୋଚନା ହୋଇଥିଲା। ଯୋଜନାର ସୁବିଧା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ସିଧାସଳଖ ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ପୋପଲୁର ଅଞ୍ଚଳର ଜାଫ୍ରା ଚାଷୀଙ୍କ ଆୟ ବୃଦ୍ଧି ଓ ଉତ୍ପାଦର ଉଚିତ ବଜାର ସଂଯୋଗ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଚାଷୀମାନେ କେବଳ ମଣ୍ଡି କିମ୍ବା ବାହାର ରାଜ୍ୟର ବ୍ୟବସାୟୀଙ୍କ ଉପରେ ନିର୍ଭର ନକରି ନିଜ ଉତ୍ପାଦରୁ ଅଧିକ ଲାଭ ପାଇପାରିବେ, ସେଥିପାଇଁ ଏକ କୃଷି ସଂସ୍ଥା ସହ ସହଭାଗିତାର ପଦକ୍ଷେପ ନିଆଯାଇଛି। ଏହି



ସହଭାଗିତା ମାଧ୍ୟମରେ ଜାଫ୍ରାରୁ ଗୁଣ୍ଡ ଓ କ୍ରିଷ୍ଟାଲ୍ ଭଳି ମୂଲ୍ୟବର୍ଦ୍ଧିତ ସାମଗ୍ରୀ ପ୍ରସ୍ତୁତ କରି ସିଧାସଳଖ ବଜାର ସହ ଯୋଡ଼ିବାର ଯୋଜନା ରହିଛି। ଏହାଦ୍ୱାରା ଚାଷୀଙ୍କ ଉତ୍ପାଦର ମୂଲ୍ୟ ବୃଦ୍ଧି ସହ ଆୟ ବଢ଼ିବାର ସୁଯୋଗ ସୃଷ୍ଟି ହେବ। ଗସ୍ତ ଶେଷରେ ପ୍ରଶାସନିକ ଟିମ୍ ପୋପଲୁର ପଞ୍ଚାୟତର କାଟାଗୁଡ଼ା ଅଞ୍ଚଳରେ ବୃକ୍ଷରୋପଣ ସାଇଟ୍ ପରିଦର୍ଶନ କରିଥିଲେ। ଏଥିସହ ନିକଟସ୍ଥ ଏକ ମନୋରମ ସ୍ଥାନକୁ ଭିୟୁ ପଏଣ୍ଟ ଭାବେ ବିକଶିତ କରିବାର ସମ୍ଭାବନା ନେଇ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସୀତାକୁଣ୍ଡର ପ୍ରାକୃତିକ ଓ ଐତିହ୍ୟ ସମ୍ପଦକୁ ସୁରକ୍ଷିତ ରଖି ପର୍ଯ୍ୟଟନର ବିକାଶ କରିବା, ଆଦିବାସୀ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ଜାଫ୍ରା ଚାଷକୁ ମୂଲ୍ୟବର୍ଦ୍ଧିତ ଉତ୍ପାଦ ଓ ବଜାର ସଂଯୋଗ ସହ ଯୋଡ଼ି ଚାଷୀଙ୍କ ଆୟ ବୃଦ୍ଧି କରିବା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥୀ ସାରବୁ, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାର, ଆଇଟିଡିଏ ଅଧିକାରୀ ବିଶ୍ୱନାଥ ମିଶ୍ର ଏବଂ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସ୍ୱୟଂସିଦ୍ଧ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।ଏହି ଭାର୍ସନ୍ ?ଟିରେ ମୂଳ ତଥ୍ୟ ରଖି ପେପର ଷ୍ଟାଇଲ୍ ?, ଭଲ ଫ୍ଲୋ ଏବଂ ଖବରର ଗୁରୁତ୍ୱ ଅନୁଯାୟୀ ଲେଖାଯାଇଛି।

ଶନିବାର ୦୩ ଅକ୍ଟୋବର, ୨୦୨୬, ଭୁବନେଶ୍ୱର
Saturday October 03, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଭାରତୀୟ ଗଣତନ୍ତ୍ର

କାହିଁକି ନିର୍ବାଚନ ଆୟୋଗ ଲକ୍ଷ୍ୟବସ୍ତୁ ? ସଂସ୍ଥାକୁ କାଠଗଡ଼ାରେ ଠିଆ କରିବା ପୂର୍ବରୁ ଆଇନ, ଅଧିକାର ଓ ତଥ୍ୟକୁ ବୁଝିବା ଦରକାର ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି କେବଳ ନିର୍ବାଚନ ନୁହେଁ, ନିର୍ବାଚନକୁ ନିଷ୍ପକ୍ଷ ଭାବେ ପରିଚାଳନା କରିବା ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା। ଭୋଟ ହେଉଛି ନାଗରିକଙ୍କ ଅଧିକାରର ପ୍ରକାଶ, କିନ୍ତୁ ସେହି ଭୋଟର ତାଲିକା କିଏ ପ୍ରସ୍ତୁତ କରିବ, ନାମ କିପରି ଯୋଡ଼ାଯିବ, ଅଯୋଗ୍ୟ ନାମ କିପରି ଚିହ୍ନଟ ହେବ, ନିର୍ବାଚନ କିପରି ହେବ, ପ୍ରାର୍ଥୀଙ୍କ ନିୟମ କିପରି ପାଳନ ହେବ ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ଲୋକଙ୍କ ବିଶ୍ୱାସ କିପରି ରହିବ, ଏହାର କେନ୍ଦ୍ରରେ ରହିଛି ଭାରତୀୟ ନିର୍ବାଚନ ଆୟୋଗ। ତେଣୁ ଯେତେବେଳେ ଏହି ସଂସ୍ଥା ଉପରେ ରାଜନୈତିକ ଆକ୍ରମଣ ହୁଏ, ସେତେବେଳେ ପ୍ରଶ୍ନ କେବଳ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନେଇ ରହେ ନାହିଁ; ପ୍ରଶ୍ନ ହୁଏ ସଂସ୍ଥାର ସ୍ୱାଧୀନତା, ନିର୍ବାଚନର ବିଶ୍ୱସନୀୟତା ଏବଂ ଗଣତନ୍ତ୍ରର ମୂଳ ଭିତ୍ତିକୁ ନେଇ। ବର୍ତ୍ତମାନ ଭୋଟର ତାଲିକାର ବିଶେଷ ପୁନରୀକ୍ଷଣକୁ ନେଇ ଦେଶରେ ଯେଉଁ ତୀବ୍ର ତର୍କ ଚାଲିଛି, ତାହାର ମଧ୍ୟରେ ଏହି ମୂଳ ପ୍ରଶ୍ନକୁ ଭୁଲିଯିବା ଉଚିତ ନୁହେଁ। ଆୟୋଗକୁ ପ୍ରଶ୍ନ କରିବା ଗଣତନ୍ତ୍ରର ଅଧିକାର, କିନ୍ତୁ ଆୟୋଗର ପ୍ରତ୍ୟେକ କାର୍ଯ୍ୟକୁ ରାଜନୈତିକ ଉଦ୍ଦେଶ୍ୟର ଚଶ୍ମାରେ ଦେଖିବା ମଧ୍ୟ ସମାନ ଭାବରେ ବିପଜ୍ଜନକ। ଭାରତୀୟ ସମ୍ବିଧାନର ୩୨୪ ଧାରା ନିର୍ବାଚନ ଆୟୋଗକୁ ନିର୍ବାଚନ ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପରିଚାଳନା ଉପରେ ଅଧୀକ୍ଷଣ, ନିର୍ଦ୍ଦେଶନା ଓ ନିୟନ୍ତ୍ରଣର ବିଶେଷ ଦାୟିତ୍ୱ ଦେଇଛି। ଏହା କୌଣସି ସରକାରୀ ବିଭାଗର ସାଧାରଣ ପ୍ରଶାସନିକ ଦାୟିତ୍ୱ ନୁହେଁ। ଏହା ଏକ ସାମ୍ବିଧାନିକ ଦାୟିତ୍ୱ। ସେଥିପାଇଁ ଆୟୋଗର ନିଷ୍ପତ୍ତିକୁ ସମାଲୋଚନା କରାଯାଇପାରେ, ତାହାର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଯାଇପାରେ, ଆବଶ୍ୟକ ହେଲେ ନ୍ୟାୟାଳୟର ଦ୍ୱାର ଖଟଖଟାଯାଇପାରେ, କିନ୍ତୁ ପ୍ରମାଣ ବିନା ସମଗ୍ର ସଂସ୍ଥାର ନିଷ୍ଠା ଉପରେ ପ୍ରଶ୍ନ ଉଠାଇବା ଗଣତାନ୍ତ୍ରିକ ଆଲୋଚନାକୁ ଦୁର୍ବଳ କରିପାରେ। ବର୍ତ୍ତମାନର ବିବାଦର ମୂଳରେ ରହିଛି ଭୋଟର ତାଲିକାର ବିଶେଷ ପୁନରୀକ୍ଷଣ। ବିରୋଧୀ ଦଳମାନେ ଏହି ପ୍ରକ୍ରିୟାକୁ ନେଇ ଆପତ୍ତି ଉଠାଇଛନ୍ତି। ଓଡ଼ିଶାରେ ମଧ୍ୟ ଏହି ବିବାଦ ରାଜନୈତିକ ତାପମାତ୍ରା ବଢ଼ାଇଛି। ବିଜୁ ଜନତା ଦଳର ନେତା ନବୀନ ପଟ୍ଟନାୟକ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବି କରିବା ସହ ସମଗ୍ର ପୁନରୀକ୍ଷଣ ପ୍ରକ୍ରିୟାକୁ ପୁନର୍ବିଚାର କରିବାକୁ କହିଛନ୍ତି। ତାଙ୍କର ମତର ଆଧାର ହେଉଛି ନିର୍ବାଚନ ଆୟୋଗର ଦୁଇ ଆୟୁକ୍ତଙ୍କ ଦ୍ୱାରା କିଛି ନିଷ୍ପତ୍ତି ନେଇ ଉଠାଯାଇଥିବା ଆପତ୍ତି। ରିପୋର୍ଟ ଅନୁସାରେ ଗତ ଦଶ ମାସରେ ଏପରି ଆପତ୍ତି ଅନେକଥର ଲିପିବଦ୍ଧ ହୋଇଥିବା କୁହାଯାଇଛି। ଏହା ନିଶ୍ଚିତ ଭାବରେ ଖୋଲା ଆଲୋଚନାର ବିଷୟ। କିନ୍ତୁ ଏଠାରେ ଆଇନଗତ ଭାବରେ ଏକ ମୌଳିକ ପ୍ରଶ୍ନ ଉଠେ—କୌଣସି ସାମ୍ବିଧାନିକ ସଂସ୍ଥାର ଆଭ୍ୟନ୍ତରୀଣ ଆଲୋଚନା କି ସଂସ୍ଥାର ଚୂଡ଼ାନ୍ତ ନିଷ୍ପତ୍ତିକୁ ଆପେଆପେ ଅବୈଧ କରିଦିଏ ? ଉତ୍ତର ହେଉଛି—ନା। ଯେକୌଣସି ବଡ଼ ସଂସ୍ଥାରେ ମତଭେଦ ରହିପାରେ। ମତଭେଦ ନିଜେ ଅଗଣତାନ୍ତ୍ରିକତାର ପ୍ରମାଣ ନୁହେଁ। ବରଂ ଯଦି ଭିନ୍ନ ମତ ଲିପିବଦ୍ଧ ହୁଏ, ଆଲୋଚନା ହୁଏ ଏବଂ ଶେଷରେ ନିର୍ଦ୍ଧାରିତ ସାମ୍ବିଧାନିକ ପ୍ରକ୍ରିୟାରେ ନିଷ୍ପତ୍ତି ହୁଏ, ତେବେ ତାହାକୁ ଏକ ଆଭ୍ୟନ୍ତରୀଣ ବିଚାରବିମର୍ଶ ଭାବରେ ମଧ୍ୟ ଦେଖାଯାଇପାରେ। ନିର୍ବାଚନ ଆୟୋଗ ମଧ୍ୟ ଏହି ମତ ରଖିଛି ଯେ ଆଭ୍ୟନ୍ତରୀଣ ମତାମତ ଓ ଆପତ୍ତି ସଂସ୍ଥାଗତ ଆଲୋଚନାର ଅଂଶ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପୂର୍ଣ୍ଣ ଆୟୋଗର ସମ୍ମତିରେ ହୋଇଛି। ଏଠାରେ ଆଉ ଏକ ବଡ଼ ଆଇନଗତ ତଥ୍ୟ ରହିଛି। ୨୦୨୬ ମେ ୨୭ରେ ସୁପ୍ରିମକୋର୍ଟ ବିହାରର ବିଶେଷ ଭୋଟର ତାଲିକା ପୁନରୀକ୍ଷଣ ସମ୍ପର୍କିତ ମାମଲାରେ ଆୟୋଗର ଏପରି ପୁନରୀକ୍ଷଣ କରିବାର ଆଇନଗତ ଶକ୍ତିକୁ ସ୍ୱୀକାର କରିଥିଲେ। ନ୍ୟାୟାଳୟ ୩୨୪ ଧାରା ଓ ସମ୍ପର୍କିତ ଆଇନର ବ୍ୟବସ୍ଥାକୁ ବିଚାର କରି କହିଥିଲେ ଯେ ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ନିର୍ବାଚନ ପାଇଁ ବିଶେଷ ପୁନରୀକ୍ଷଣ କରିବାର ଅଧିକାର ଆୟୋଗ ପାଖରେ ରହିଛି। ଏହି ରାୟର ଅର୍ଥ ଏହା ନୁହେଁ ଯେ ଆୟୋଗର ପ୍ରତ୍ୟେକ ପ୍ରକ୍ରିୟା ପ୍ରଶ୍ନରୁ ଉପରେ। ନ୍ୟାୟାଳୟ ଯେଉଁ ଶକ୍ତିକୁ ସ୍ୱୀକାର କରିଛନ୍ତି, ତାହାର ବ୍ୟବହାର କିପରି ହେଉଛି, ତାହା ନେଇ ନାଗରିକ ଓ ରାଜନୈତିକ ଦଳ ପ୍ରଶ୍ନ କରିପାରନ୍ତି। କିନ୍ତୁ ଶକ୍ତି ରହିଛି କି ନାହିଁ—ଏହି ମୌଳିକ ପ୍ରଶ୍ନରେ ସୁପ୍ରିମକୋର୍ଟର ରାୟକୁ ଅଣଦେଖା କରିବା ଉଚିତ ନୁହେଁ। ଗଣତନ୍ତ୍ରର ଏକ ବିଶେଷତା ହେଉଛି—ନିର୍ବାଚନ ଆୟୋଗ ସରକାରର ଅଧୀନସ୍ଥ କାର୍ଯ୍ୟାଳୟ ନୁହେଁ। ତାହାର ସାମ୍ବିଧାନିକ ସ୍ୱାଧୀନତା ରହିଛି। ଯଦି ପ୍ରତ୍ୟେକ ନିଷ୍ପତ୍ତିରେ ରାଜନୈତିକ ଦଳ ନିଜ ସୁବିଧା ଅନୁଯାୟୀ ଆୟୋଗର ନିଷ୍ଠାକୁ ମାପିବା ଆରମ୍ଭ କରନ୍ତି, ତେବେ ନିର୍ବାଚନୀ ସଂସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଧୀରେ ଧୀରେ କ୍ଷୟିତ ହୋଇପାରେ। ଏହି ବିଶ୍ୱାସ ଏକ ଦିନରେ ତିଆରି ହୁଏ ନାହିଁ; ଦଶକ ଦଶକର ସଂସ୍ଥାଗତ ପରମ୍ପରାରେ ଏହା ଗଢ଼ିଉଠେ। ତେଣୁ ଆୟୋଗକୁ ରକ୍ଷା କରିବାର ଅର୍ଥ ଆୟୋଗର ପ୍ରତ୍ୟେକ ନିଷ୍ପତ୍ତିକୁ ସଠିକ୍ ବୋଲି ଘୋଷଣା କରିବା ନୁହେଁ। ଠିକ୍ ଅର୍ଥରେ ସଂସ୍ଥାକୁ ରକ୍ଷା କରିବାର ଅର୍ଥ ହେଉଛି—ଯେଉଁଠି ଭୁଲ ଅଛି ସେଠି ପ୍ରମାଣ ସହ ପ୍ରଶ୍ନ କରିବା, ଯେଉଁଠି ନିୟମ ଅଛି ସେଠି ନିୟମକୁ ସମ୍ମାନ କରିବା ଏବଂ ଯେଉଁଠି ନ୍ୟାୟାଳୟ ନିଷ୍ପତ୍ତି ଦେଇଛନ୍ତି ସେଠି ସେହି ନିଷ୍ପତ୍ତିକୁ ଗ୍ରହଣ କରିବା। ଆଜି ଯେଉଁ ଶବ୍ଦ ରାଜନୈତିକ ଚର୍ଚ୍ଚାରେ ବାରମ୍ବାର ଶୁଣାଯାଉଛି, ସେହି ଶବ୍ଦ ହେଉଛି 'ଭୋଟ ଚୋରି'। ଏପରି ଅଭିଯୋଗ ଗୁରୁତର। ଯଦି କେଉଁଠି ଭୋଟର ନାମ ଅନ୍ୟାୟ ଭାବେ କଟାଯାଇଥାଏ, ଯୋଗ୍ୟ ନାଗରିକଙ୍କୁ ଭୋଟର ଅଧିକାରରୁ ବଞ୍ଚିତ କରାଯାଇଥାଏ କିମ୍ବା ତାଲିକା ପ୍ରସ୍ତୁତିରେ ନିୟମ ଭଙ୍ଗ ହୋଇଥାଏ, ତେବେ ତାହାର ନିଷ୍ପକ୍ଷ ତଦନ୍ତ ହେବା ଆବଶ୍ୟକ। କିନ୍ତୁ ଅଭିଯୋଗ ଓ ପ୍ରମାଣ ଦୁଇଟି ଭିନ୍ନ ଜିନିଷ। ଅଭିଯୋଗକୁ ତଥ୍ୟରେ ପରିଣତ କରିବା ପାଇଁ ପ୍ରମାଣ ଦରକାର। ଏହା ଆଇନର ମୌଳିକ ସିଦ୍ଧାନ୍ତ। ନିର୍ବାଚନୀ ବିବାଦରେ ଏହି ସିଦ୍ଧାନ୍ତ ଆହୁରି ଗୁରୁତ୍ୱପୂର୍ଣ୍ଣ, କାରଣ ଏଠାରେ କେବଳ ଜଣେ ପ୍ରାର୍ଥୀ ନୁହେଁ, କୋଟି କୋଟି ଭୋଟରଙ୍କ ବିଶ୍ୱାସ ସଂପୃକ୍ତ। ଯଦି ଭୋଟର ତାଲିକାରେ ତ୍ରୁଟି ଅଛି, ତାହାକୁ ସୁଧାରିବା ଦରକାର। ଯଦି ଯୋଗ୍ୟ ନାମ କଟିଯାଇଛି, ତାହା ପୁନଃସ୍ଥାପନ ପାଇଁ ସହଜ ଓ ସ୍ୱଚ୍ଛ ବ୍ୟବସ୍ଥା ରହିବା ଦରକାର। ଯଦି ଅଯୋଗ୍ୟ ନାମ ରହିଛି, ତାହାକୁ ଆଇନସମ୍ମତ ପ୍ରକ୍ରିୟାରେ ଯାଞ୍ଚ କରିବା ଦରକାର। ଏହି ତିନୋଟି ଦିଗରେ ସମତୁଳନ ରହିବା ହିଁ ନିଷ୍ପକ୍ଷ ନିର୍ବାଚନର ମୂଳ ଆବଶ୍ୟକତା। ଏଠାରେ ଆଉ ଏକ କଥା ବୁଝିବା ଦରକାର। ଭୋଟର ତାଲିକା କୌଣସି ସ୍ଥିର ପଥରର ଲେଖା ନୁହେଁ। ଜନ୍ମ, ମୃତ୍ୟୁ, ସ୍ଥାନାନ୍ତରଣ, ବିବାହ, ନୂଆ ଯୋଗ୍ୟତା ଓ ଅନ୍ୟାନ୍ୟ କାରଣରେ ଏହାର ସଂଶୋଧନ ଆବଶ୍ୟକ ହୁଏ। ନିୟମିତ ପୁନରୀକ୍ଷଣ ନ ହେଲେ ତାଲିକାରେ ଅନେକ ପ୍ରକାର ତ୍ରୁଟି ରହିଯାଇପାରେ। ତେଣୁ ପୁନରୀକ୍ଷଣର ଧାରଣା ନିଜେ ଅସାମ୍ବିଧାନିକ ନୁହେଁ। ବରଂ ସଠିକ୍ ଭୋଟର ତାଲିକା ନିଷ୍ପକ୍ଷ ନିର୍ବାଚନର ପ୍ରଥମ ସର୍ତ୍ତ। କିନ୍ତୁ ପୁନରୀକ୍ଷଣ ସମୟରେ ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରହିବା ମଧ୍ୟ ସମାନ ଭାବେ ଜରୁରୀ। ଏହି କାରଣରୁ ପ୍ରକ୍ରିୟାର ପାରଦର୍ଶିତା, ଆପତ୍ତି ଦାଖଲର ସୁଯୋଗ, ଦାବି ଯାଞ୍ଚ, ନାମ ପୁନଃସ୍ଥାପନ ଓ ଅଭିଯୋଗ ନିରାକରଣ ଭଳି ବ୍ୟବସ୍ଥାକୁ ଦୃଢ଼ କରିବା ଦରକାର। ଆୟୋଗକୁ ଯଦି ନିଜ କାର୍ଯ୍ୟ ଉପରେ ଲୋକଙ୍କ ବିଶ୍ୱାସ ରଖିବାକୁ ହୁଏ, ତେବେ ତଥ୍ୟ ପ୍ରକାଶ ଓ ସ୍ପଷ୍ଟ ବ୍ୟାଖ୍ୟା ତାହାର ସବୁଠାରୁ ଶକ୍ତିଶାଳୀ ଉତ୍ତର ହୋଇପାରେ। ସେହିପରି ରାଜନୈତିକ ଦଳମାନଙ୍କ ପାଇଁ ମଧ୍ୟ ଦାୟିତ୍ୱ ଅଛି। ଆୟୋଗ ଉପରେ ଅଭିଯୋଗ ଥିଲେ ତାହାକୁ ପ୍ରମାଣ, ଦଲିଲ ଓ ନିର୍ଦ୍ଦିଷ୍ଟ ଘଟଣା ସହ ଉପସ୍ଥାପନ କରିବା ଦରକାର। ଜଣେ ଆୟୁକ୍ତ ଓ ଅନ୍ୟ ଆୟୁକ୍ତଙ୍କ ମଧ୍ୟରେ ମତଭେଦ ଥିବା ଖବର ଆସିଲେ ତାହାକୁ ଆଧାର କରି ସମଗ୍ର ସଂସ୍ଥାକୁ ଦୋଷୀ କହିଦେବା ଆଇନଗତ ଭାବେ ଦୃଢ଼ ଯୁକ୍ତି ନୁହେଁ। ସେହି ମତଭେଦ କେଉଁ ପ୍ରସଙ୍ଗରେ ଥିଲା, ଚୂଡ଼ାନ୍ତ ନିଷ୍ପତ୍ତି କଣ ଥିଲା, କେଉଁ ନିୟମ ଅନୁସରଣ ହୋଇଥିଲା ଏବଂ ତାହାରେ ଭୋଟରଙ୍କ ଅଧିକାର କିପରି ପ୍ରଭାବିତ ହୋଇଛି—ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆବଶ୍ୟକ। ଏହି ତଥ୍ୟାଧାରିତ ପରୀକ୍ଷା ବିନା କେବଳ ରାଜନୈତିକ ଉଚ୍ଚାରଣକୁ ନିଷ୍ପତ୍ତିର ମାପଦଣ୍ଡ କରିବା ଠିକ୍ ନୁହେଁ। ଆୟୋଗକୁ ମଧ୍ୟ ଏଠାରେ ନିଜର ଦାୟିତ୍ୱ ବୁଝିବାକୁ ପଡ଼ିବ। ସାମ୍ବିଧାନିକ ସ୍ୱାଧୀନତା ଅର୍ଥ ଜନସାଧାରଣଙ୍କ ପ୍ରଶ୍ନରୁ ଦୂରେ ରହିବା ନୁହେଁ। ସ୍ୱାଧୀନତା ସହ ଉତ୍ତରଦାୟିତ୍ୱ ମଧ୍ୟ ରହେ। ଆୟୋଗ ଯେତେ ଅଧିକ ସ୍ପଷ୍ଟ ଭାବରେ ନିଜ ପ୍ରକ୍ରିୟା ବୁଝାଇବ, ସେତେ ଅଧିକ ଅପପ୍ରଚାରର ସ୍ଥାନ କମିବ। କୌଣସି ରାଜନୈତିକ ଦଳ ଆୟୋଗର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇପାରେ।

# ଇତିହାସ ର ଇତିହାସ

ଗୋପାଳ ମହାପାତ୍ର

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜୀବିତ ଥିଲେ ତାଙ୍କୁ ଏବେ ୧୫୭ ବର୍ଷ ହୋଇଥାନ୍ତା। କୃତଜ୍ଞ ରାଷ୍ଟ୍ର ତାଙ୍କର ପୁଣ୍ୟତିଥି ପାଳନ କରିଛି। ଗାନ୍ଧୀଙ୍କୁ ଦେଶବାସୀ ମନେ ପକାଉଛନ୍ତି। ଗାନ୍ଧୀଙ୍କ ବିଶେଷତ୍ୱ ଥିଲା ଯେ ସେ ବିଶ୍ୱ ଇତିହାସରେ ହସ୍ତକ୍ଷେପ କରିଥିଲେ ଓ କାଳର ଅଖଣ୍ଡ ସ□ାକୁ ପ୍ରଭାବିତ କରି ପାରିଥିଲେ। କାଳ (ସମୟ) ହେଉଛି ଅଖଣ୍ଡ ସ□ା। ସବୁ ଘଟଣା ସମୟର ଅବଧି ମଧ୍ୟରେ ହୋଇଥାଏ। ଅର୍ଥବବେଦ (୧୯-୫୩-୫୪)ରେ ମହର୍ଷି ଭୃଗୁ କହିଛନ୍ତି "କାଳ- ଅଶ୍ୱବିଶ୍ୱ-ରଥର ସମ୍ବାହକ ଅଟେ। କାଳ ହିଁ ପିତା ଓ ସେ ହିଁ ଆଗକୁ ପୁତ୍ର ହୋଇଥାଏ। କାଳରେ ପ୍ରାଣ, ମନ, ସବୁ ନାମ ରହିଛି। କାଳର ଅନୁକୂଳତା ହିଁ ଆନନ୍ଦ ଅଟେ। କାଳ ସ୍ୱୟଂଭୁ ଅଟେ। କାଳ ଦ୍ୱାରା ହିଁ ଭୂତ ଏବଂ ଭବିଷ୍ୟ ସୃଷ୍ଟି ହୁଏ। ସମୟକୁ ଧରିହୁଏ ନାହିଁ। ଘଟଣା ସବୁ ଘଟିଥାଏ, ଘଟଣା ଅତୀତ ଅଟେ। ଅତୀତର ଘଟଣା ସବୁର ଯଥାତଥ୍ୟ ସଂକଳନ ଇତିହାସ ଅଟେ। ପ୍ରାଚୀନ ରାଷ୍ଟ୍ରର କୋଟି କୋଟି ଘଟଣା ରହିଛି। ଭାରତ ଏମିତି ଏକ ରାଷ୍ଟ୍ର ଅଟେ। ମୂଳ ପ୍ରଶ୍ନ ହେଉଛି ଯେ ଘଟଣାର ସଙ୍କଳନ ରେ ସଙ୍କଳନକ□ାଙ୍କ ରଚି କ'ଣ ଥିଲା? ରଚି କ'ଣ? ଅନେକ ବିଦ୍ୱାନ ଯୁଦ୍ଧ ପ୍ରିୟ ହୋଇଥାନ୍ତି। ସେମାନେ ଯୁଦ୍ଧର ଇତିବୃତି ସଙ୍କଳିତ କରିଥାନ୍ତି। ଅନେକ ବିଦ୍ୱାନ ପ୍ରକୃତିପ୍ରେମୀ ଓ ସେମାନେ ପ୍ରାକୃତିକ ପରିବ□ନକୁ ଇତିବୃତର ବିଷୟ କରିଥାନ୍ତି। ମାର୍କ୍ସବାଦୀ ବିଚାରଧାରାର ବିଦ୍ୱାନ ଉତ୍ପାଦନ ପଦ୍ଧତି ବିବରଣିକୁ ସଙ୍କଳିତ କରିଥାନ୍ତି। ଇତିହାସ ଅତୀତର ଦର୍ପଣ ଅଟେ କିନ୍ତୁ ଇତିହାସ ଲିଖନ ବା ସଙ୍କଳନର କୌଣସି ଶୈଳୀ ପ୍ରାଚୀନ ସମାଜ ବା ରାଷ୍ଟ୍ରର ସଂପୂର୍ଣ୍ଣ ବିବରଣୀ ହୋଇନପାରେ। ଯେମିତି ସମୁଦ୍ରର ଲହରୀର ଗଣନା ଅସମ୍ଭବ ସେହିଭଳି ଇତିହାସର ସଂକଳନ କାର୍ଯ୍ୟ ମଧ୍ୟ ଅତି ଜଟିଳ ଅଟେ। ଏଣୁ ଇତିହାସର ରପ ସ୍ୱରୂପ ଏବଂ ଇତିହାସ ଖୋଜିବା ଅତି କଠିନ କାର୍ଯ୍ୟ ଅଟେ।




ଭାରତରେ ଏବେ ଇତିହାସକୁ ନେଇ ବିମର୍ଷ ଚାଲିଛି। ୟୁରୋପୀୟ ବିଦ୍ୱାନ ମାନେ ଭାରତର ଇତିହାସ ଲିଖନ ବେଳେ ପ୍ରକୃତ ତଥ୍ୟକୁ ଉପେକ୍ଷା କରିଛନ୍ତି ବୋଲି ଅଭିଯୋଗ ହେଉଛି। ମାକ୍ସମୁଲର ଲେଖିଛନ୍ତି "ହିନ୍ଦୁ ଦାର୍ଶନିକ ମାନଙ୍କର ଏକ ଜାତି ଥିଲା। ସେମାନଙ୍କ ବିଚାରର ସଂଘର୍ଷ ଥିଲା। ସେମାନଙ୍କ ଅତୀତ ସୃଷ୍ଟିର ସମସ୍ୟା ଥିଲା, ସେମାନଙ୍କ ଭବିଷ୍ୟ ଅସ୍ତିତ୍ୱର ପ୍ରଶ୍ନ ଥିଲା। ଏକଥା ସତ୍ୟ ଯେ ବିଶ୍ୱର ରାଜନୈତିକ ଇତିହାସରେ ଭାରତର କୌଣସି ସ୍ଥାନ ନାହିଁ।" ମାକ୍ସମୁଲର ବୈଦିକ ଏବଂ ପୌରାଣିକ ସହିତ ପ୍ରାଚୀନ ଇତିହାସରେ ରାଜ୍ୟ ବ୍ୟବସ୍ଥାକୁ ଏଡ଼ାଇ ଯାଇଛନ୍ତି। ଏଲଫିନ୍ସଟନଙ୍କୁ ସିକନ୍ଦରଙ୍କ ଆକ୍ରମଣର ପୂର୍ବରୁ କୌଣସି ଘଟଣାର ନିଶ୍ଚିତ ସମୟ ଦେଖାଯାଇ ନାହିଁ। ୧୮୩୯ରେ ଏଲଫିନ୍ସଟନ ଲେଖିଛନ୍ତି ଯେ "ଭାରତୀୟ ଇତିହାସରେ ସିକନ୍ଦରଙ୍କ ଆକ୍ରମଣ ପୂର୍ବରୁ କୌଣସି ତିଥି ବା ସମୟ ନିଶ୍ଚିତ କରାଯାଇ ପାରିବ ନାହିଁ। ବିଟରନିଟଜ ଭାରତର କାବ୍ୟ, ନାୟକତ୍ୱ ଏବଂ ଇତିହାସର ମିଶ୍ରଣକୁ ଦେଖିଛନ୍ତି। ଅଲବେରୁନିଙ୍କ ଅଭିଯୋଗ ମଧ୍ୟ କଠୋର। ସେ ଲେଖିଛନ୍ତି "ହିନ୍ଦୁମାନେ ଘଟଣାର ଐତିହାସିକ କ୍ରମ ଉପରେ ଅଧିକ ଧ୍ୟାନ ଦେଇନଥାନ୍ତି। ସେମାନେ ସମ୍ରାଟ (ରାଜା)ଙ୍କର କାଳ କ୍ରମାନୁସାରେ ଉ□ରାଧିକାର ର ବର୍ଣ୍ଣନରେ ବେପରୁଆ ଅଟନ୍ତି।" ଗାନ୍ଧୀ ଏହି ସବୁ ବିଦ୍ୱାନଙ୍କ ମତ ବା ଲିଖନର ବିରୋଧି ଥିଲେ।

ଅତୀତ ଏବଂ ବ□ମାନ ଦୁଇଟା ନୁହେଁ,ବ□ମାନ ଅତୀତର ହିଁ ବିସ୍ତାର ଅଟେ। ଅତୀତ ନିର୍ଜୀବ ସ□ା ନୁହେଁ, ବ□ମାନ ବିତି ଯାଇଥିବା ସମୟର ଚେହେରା ଅଟେ। ଇତିହାସ ଏବଂ ବ□ମାନର ସମ୍ପର୍କ ଅବିଚ୍ଛିନ୍ନ ଅଟେ। ଇତିହାସରେ ମନୁଷ୍ୟର କର୍ମର ଅନୁଭବ ହୋଇଥାଏ। ମଣିଷ ଇତିହାସରୁ ହିଁ ଶିଖିଥାଏ। ବ□ମାନର ବସ୍ତୁନିଷ୍ଠ ଆଖ୍ୟାର ଉପକରଣ ମଧ୍ୟ ଇତିହାସ ଅଟେ। ଇତିହାସ ମନୁଷ୍ୟ ଜୀବନର ପ୍ରୟୋଗଶାଳା ଅଟେ। ସମାଜ ଏହି ପ୍ରୟୋଗଶାଳାର ନିଷ୍ପ□ି ଅନୁସାରେ ଠିକ୍, ଭୁଲ, କେଉଁଟା କରିବା ଉଚିତ୍ ଓ କେଉଁଟା କରିବା ଉଚିତ୍ ନୁହେଁ ସେ କଥାର ସୂଚୀ ପ୍ରସ୍ତୁତ କରିଥାଏ। ଏଣୁ ଇତିହାସର ସଂକଳନ କାର୍ଯ୍ୟ ବୈଜ୍ଞାନିକଙ୍କ ପରି। କିନ୍ତୁ ଇତିହାସକାର ଏବଂ ବୈଜ୍ଞାନିକଙ୍କ ଲକ୍ଷରେ ଆଧାରଭୁତ ପାର୍ଥକ୍ୟ ରହିଛି। ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରିଥାଏ କିନ୍ତୁ ଏହାର ନିଷ୍କର୍ଷ ଅନ୍ତିମ ନୁହେଁ। ପ୍ରକୃତି ବିରାଟ, ଏଠି, ଅନନ୍ତ ରହସ୍ୟ ରହିଛି। ବିଜ୍ଞାନ ଦ୍ୱାରା ଜଣାଯାଇଥିବା କୌଣସି ବି ତଥ୍ୟ ସଂପୁର୍ଣ୍ଣନୁହେଁ ବା ଅନ୍ତିମ ସତ୍ୟ ନୁହେଁ। ଇତିହାସ ହୋଇସାରିଥିବା ବା ଘଟି ଯାଇଥିବା ଘଟଣାର ବିବରଣ ଅଟେ। ଅତୀତରେ ମଧ୍ୟ ସବୁକିଛି ନୂଆର ସମ୍ଭାବନା ନାହିଁ। ଯାହା ହୋଇଛି ବା ଘଟିଯାଇଛି ତାର ତଥ୍ୟଗତ ସଙ୍କଳନ ହିଁ ଇତିହାସ ଅଟେ।

ଗାନ୍ଧୀ ଇତିହାସ ନିର୍ମାତା ଥିଲେ ଓ ଅନ୍ୟପକ୍ଷରେ ନିଜେ ଜଣେ ଭଲ ଇତିହାସ ଲେଖକ ମଧ୍ୟ ଥିଲେ। ଅନେକ ବିଦ୍ୱାନ ଗାନ୍ଧୀଙ୍କ ଲିଖିତ "ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ଇତିହାସ" ପୁସ୍ତକର ପ୍ରଶଂସା କରିଛନ୍ତି। ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରଥମ ଅଧ୍ୟାୟ ହେଉଛି "ଭୂଗୋଳ"। ଇତିହାସର ଘଟଣା ସବୁ ଖାସ୍ ଭୂଖଣ୍ଡରେ ଘଟିଥାଏ। ଭୂଖଣ୍ଡ କ୍ଷେତ୍ରର ସ୍ୱରପ ସ୍ଥାୟୀ ରହିନଥାଏ। ଉତ୍ପାଦନର ସାଧନ ମଧ୍ୟ ପରିବ□ନ ହୋଇଥାଏ। ଏଥିପାଇଁ ଇତିହାସର ଅଧ୍ୟୟନରେ ଭୂଗୋଳର ଗୁରୁତ୍ୱ ରହିଥାଏ। ବୈଦିକ ଯୁଗର କବି ଓ ଲେଖକ ମାନେ ମଧ୍ୟ ପରିବେଶ, ନଦୀ, ପର୍ବତ ସମ୍ପର୍କରେ ବର୍ଣ୍ଣନ କରୁଥିଲେ। ଏଥିସହ ତତ୍କାଳୀକ ଅର୍ଥବ୍ୟବସ୍ଥାର ବ୍ୟାଖ୍ୟା କରୁଥିଲେ। ଗାନ୍ଧୀ ମଧ୍ୟ ଦକ୍ଷିଣ ଆଫ୍ରିକାର ତତ୍କାଳୀନ ଅର୍ଥତନ୍ତ୍ରର ବର୍ଣ୍ଣନା କରିଥିଲେ। ଗାନ୍ଧୀ ଇତିହାସ ଲିଖନରେ ଭାଷାକୁ ମଧ୍ୟ ପ୍ରମୁଖ ସ୍ଥାନ ଦେଇଥିଲେ।

ଅଧ୍ୟୟନର ସମସ୍ତ ବିଷୟାନୁଶାସନ ମୁନୁଷ୍ୟ ହିଁ ଗଢିଛି ମନୁଷ୍ୟ ପାଇଁ। ବୃହ□ର ମାନବତାର ଲୋକକଲ୍ୟାଣ ହିଁ ସବୁ ବିଷୟର ଜ୍ଞାନର ଲକ୍ଷ ଅଟେ। ଇତିହାସରେ ଲୋକମଙ୍ଗଳ ସାଧନର କର୍ମଯୋଗ ଏବଂ ବ୍ୟବହାର ଶାସ୍ତ୍ର ବାବଦରେ ଉଲ୍ଲେଖ ରହିଥାଏ। ଇତିହାସର ଲିଖନ, ସଂକଳନ ଏବଂ ଅଧ୍ୟୟନ କାର୍ଯ୍ୟ ଲୋକମଙ୍ଗଳ ଲକ୍ଷ ସହ ଜଡ଼ିତ। ପ୍ରଶ୍ନ ହେଉଛି ଭାରତୀୟ ଉପମହାଦ୍ୱୀପର ଇତିହାସ ଦେଖିବାର ପ୍ରାଚୀନ ଦୃଷ୍ଟିକୋଣ କ'ଣ ଥିଲା? କ'ଣ ପୌରାଣିକ ଥିଲା? କ'ଣ ତଥ୍ୟର ତୃଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବାର ମାନସିକତା ଥିଲା? ମହାକାବ୍ୟ ଓ ପୁରାଣଶାସ୍ତ୍ର ଏବଂ ଏହା ପୂର୍ବରୁ ରଚିତ ବୈଦିକ ସାହିତ୍ୟର ନାୟକ କ'ଣ କାଳ୍ପନିକ? ପୂର୍ବଜ ମାନଙ୍କର ଏଭଳି ଇତିହାସ ଦୃଷ୍ଟି ଥିଲା କାହିଁକି? ଆଧୁନିକ ଐତିହାସିକ ମାନଙ୍କର ଏକ ବର୍ଗ ବା ଗୋଷ୍ଠୀ ଇତିହାସରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଜରୁରୀ ବୋଲି କହିଥାନ୍ତି। ଏହି ଦୃଷ୍ଟିକୋଣ ଅନୁସାରେ ବୈଦିକ ସାହିତ୍ୟ-ଇତିହାସରେ କ'ଣ ତୃଟି ରହିଛି? କ'ଣ ମାକ୍ସବାଦୀ ଇତିହାସ ଲିଖନ ହିଁ ବୈଜ୍ଞାନିକ ଅଟେ? ଯଦି ଏହା ଠିକ୍ ତେବେ କାର୍ଲମାର୍କ୍ସଙ୍କ ପୂର୍ବରୁ ଲିଖିତ ଇତିହାସ ଅବୈଜ୍ଞାନିକ ହୋଇପାରେ। ଏଭଳି ପ୍ରଶ୍ନାବଳି ଅନେକ ହୋଇପାରେ। କ'ଣ ପୁରାତାତ୍ୱିକ ସାକ୍ଷ୍ୟ ହିଁ ପ୍ରମାଣ ଅଟେ? ଶବ୍ଦ ଅନୁଭୂତି ଶୃତି ସ୍ମୃତି କ'ଣ ବେକାର ଅଟେ? ସେଇ କାଳଖଣ୍ଡ ବା ସମୟର ସଦ୍‌ଭାବ ପୂର୍ଣ୍ଣ ସମାଜ କ'ଣ ମହତ୍ୱପୂର୍ଣ୍ଣ ନୁହେଁ?

ରାଷ୍ଟ୍ରବୋଧର ବାସ୍ତବିକ ସ□ ସଚ୍ଚା ଇତିହାସ ବୋଧ ଅଟେ। ଗଣିତ, ଜ୍ୟୋତିଷ, ଚିକିତ୍ସା ଆଦି କ୍ଷେତ୍ରରେ ଭାରତର ଉପଲବ୍ଧି ବିଶ୍ୱ ବିଖ୍ୟାତ ଥିଲା। ଭାରତ ଇତିହାସ ସଙ୍କଳନର ନିଜର ବିଶେଷ ପରମ୍ପରା ବିକଶିତ କରିଥିଲା କିନ୍ତୁ ୟୁରୋପୀୟ ଇତିହାସବିତ୍ ମାନେ ଭାରତକୁ ଇତିହାସବିହୀନ କହିଛନ୍ତି ଗାନ୍ଧୀ ରାଜା ମହାରାଜା ମାନଙ୍କ ବିବରଣକୁ ପ୍ରକୃତ ଇତିହାସ ବୋଲି ଭାବୁ ନଥିଲେ। ହିନ୍ଦସ୍ୱରାଜରେ ଗାନ୍ଧୀ ପ୍ରକୃତ ଇତିହାସ କ'ଣ ସେ ବାବଦରେ ଅନେକ କଥା ଲେଖିଛନ୍ତି। ଗାନ୍ଧୀ ୟୁରୋପୀୟ ଇତିହାସର ଅନ୍ତର୍ବସ୍ତୁକୁ କେବଳ ଲଢ଼େଇ/ଯୁଦ୍ଧର ସଂଗ୍ରହ ବୋଲି କହୁଥିଲେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଶାକାହାର ଓ ନିରାମିଷ ଖାଦ୍ୟ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଜିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ।



ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ।

ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଇ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ।

ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଇ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - 'ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ'।

ପ୍ରତିରତ୍ନିକ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ ଚଣ୍ଡିଖୋଲ

ଧର୍ମଶାଳା,୨ । ୧୦(ନିପ୍ର): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିରନ୍ତର ଭାବେ ଗରିବ, ଅଭାବୀ ଓ ଅବହେଳିତ ଲୋକମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ସଦସ୍ୟମାନେ ଅସହାୟମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନପ୍ରକାର ସହାୟତା ଯୋଗାଇ ଦେଉଛନ୍ତି । ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆଜି ଟ୍ରଷ୍ଟ ପକ୍ଷରୁ ରାଇଛନ୍ଦା ପଂଚାୟତ ରାଇଛନ୍ଦା ଗ୍ରାମର ଅସହାୟ ପରିବାରର ରମେଶ ସିଂ,ଫୁସଫୁସ ଅସ୍ତ୍ରୋପଚାର ଲାଗି ରାଇଛନ୍ଦା ପଂଚାୟତ ଦଳାଗାଁର ଉମେଶ ଚନ୍ଦ୍ର ସ୍ୱାଇଁ,ମଧୁସୁଦନପୁର ପଂଚାୟତ ମଧୁସୁନପୁର ଗ୍ରାମର ଅସହୟ ପରିବାରର ଶାନ୍ତିଲତା ମଲିକ,ସିହାପୁର ପଂଚାୟତ ବ୍ରାହ୍ମଣବାଡ ଗ୍ରାମର ଅଭାବୀ



ପରିବାରର ସୁଧାକର ପରିଡା, ବ୍ରାହ୍ମଣବାଡ ଗ୍ରାମର ଅଭାବୀ ପରିବାରର ଘନଶ୍ୟାମ ପରିଡା, ମଧୁସୁଦନପୁର ଗ୍ରାମର ଅଭାବୀ ପରିବାରର ପୁରୁଷୋତମ ସାହୁ,ତାଳଜଙ୍ଗ ପଂଚାୟତ ତାଳଜଙ୍ଗ ଗ୍ରାମର ଅଭାବୀ ପରିବାରର ଜଗବନ୍ଧୁ ମଲିକ,ତାଳଜଙ୍ଗ ଗ୍ରାମର ଅଭାବୀ ପରିବାରର ରଂଜୁଲତା ମଲିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ପାଖରେ ପହଁଚି ଆର୍ଥିକ ସହାୟତା ଦେଛନ୍ତି । ଅଭାବ ଅନାଟନର ରହୁଥିବା ପରିବାର ପ୍ରତି ବିଧାୟକ ଶ୍ରୀ ସାହୁଙ୍କ ରହୁଥିବା ସହାନୁଭୁତି ଓ ସହାୟତା ଯୋଗାଇବାକୁ ନେଇ ଜିଲ୍ଲା ସମେତ ରାଜ୍ୟବ୍ୟାପି ପ୍ରଶଂସା କରାଯାଉଛି ।

# ନଗର ବିଜେଡ଼ି ତରଫରୁ ଗାନ୍ଧୀ ଜୟନ୍ତୀ ପାଳନ

ଆଠମଲ୍ଲିକ (ମନ୍ଥନ): ନଗର ବିଜେଡ଼ି ସଭାପତି ନିରଞ୍ଜନ ରଣା ଙ୍କ ନେତୃତ୍ୱ ରେ ବିଜେଡ଼ି କର୍ମକର୍ତ୍ତା ଓ କର୍ମୀ ଗାନ୍ଧୀ ଛକ ସ୍ଥିତ ଗାନ୍ଧୀ ପାର୍କ ନିକଟରେ ଏକତ୍ରିତ ହୋଇ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ପରେ ସହର ର ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ରେ ପୁଷ୍ପ ମାଲ୍ୟ ଅର୍ପଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଏନଏସି ଅଧକ୍ଷା ଆଶା କୁମାରୀ ସାହୁ, ଏନଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ବ୍ଲକ ବିଜେଡ଼ି ସଭାପତି ମହେଶ୍ୱର ଦେହୁରୀ, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ସମିତି ସଭ୍ୟ ଅଖିଳ ପ୍ରଧାନ, ଆଇନଜୀବୀ ଦିନେଶ କୁମାର ସିଂ, ଆଇନଜୀବୀ ବିଜୟ ମହାକୁଡ଼, ଛାତ୍ର ବିଜେଡ଼ି ନେତା ହିମାଂଶୁ ଶେଖର ପ୍ରଧାନ, ଅବିନାଶ ଷଡ଼ଙ୍ଗୀ, ହୁସେନ ଖାଁ, ପ୍ରବୀଣ ଦେଓ, ମହେନ୍ଦ୍ର ମୁଖି ଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।



## ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରଙ୍କୁ ଆର୍ଥିକ ସହାୟତା

କୁକୁଡାଖଣ୍ଡି, ୨/୧୦: ହୁଗୁଲାପଟା ଗ୍ରାମ ପଞ୍ଚାୟତରେ କିଛି ଦିନ ପୂର୍ବେ ? ହୋଇଥିବା ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇ ଯୁବକଙ୍କ ପରିବାର ଓ ଚିକିତ୍ସାଧୀନ ଆହତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମ ସରକାରୀ ରେଡକ୍ରସ ପାଣ୍ଠିରୁ କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ହୁଗୁଲାପଟା ଗ୍ରାମରେ ପହଞ୍ଚି ମୃତ ଦୁଇ ଯୁବକଙ୍କ ପରିବାରଙ୍କୁ ୩୦ ହଜାର ଟଙ୍କା ଲେଖାଏ ଓ ମେଡିକାଲରେ ଚିକିତ୍ସାଧୀନ ଆହତଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ସହାୟତା ରାଶି ପ୍ରଦାନ ବେଳେ ଲୋଚାପଡ଼ା ସରପଞ୍ଚ ଏଲ. ମୋହନ ଦାସ, ରାଜସ୍ୱ କର୍ମଚାରୀ, ଗ୍ରାମରେ ସ୍ଥାନୀୟ ଲୋକ, ପରିବାର ସଦସ୍ୟ ଓ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ।

# ଗ୍ଲୋରିୟସ୍ ଇଂଲିଶ ମିଡିୟମ୍ ସ୍କୁଲର ନୂତନ ଅଧକ୍ଷଙ୍କ ଯୋଗଦାନ



ଯାଜପୁର ରୋଡ୍: ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ୍ ଇଂଲିଶ ମିଡିୟମ୍ ସ୍କୁଲ (ଜେମ୍ସ)ର ନୂତନ ଅଧକ୍ଷ ଭାବେ ବରିଷ୍ଠ ଶିକ୍ଷାବିତ୍ ବନମାଳି ପାଣି ଆଜି ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ତାଙ୍କ ଯୋଗଦାନକୁ ନେଇ ବିଦ୍ୟାଳୟର ପରିଚାଳନା କମିଟି, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।ଶ୍ରୀ ପାଣି ଦୀର୍ଘବର୍ଷ ଧରି ଓଡ଼ିଶାର ବିଭିନ୍ନ ସି ବି ଏସ୍ ଇ ସ୍କୁଲରେ ପ୍ରିନ୍ସପାଲ୍ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱରର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ପ୍ରିନ୍ସପାଲ୍ ଭାବେ କାର୍ଯ୍ୟରତ ଥିଲେ। ଶିକ୍ଷା ପରିଚାଳନା ଓ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି।

ଶ୍ରୀ ପାଣିଙ୍କ ଯୋଗଦାନ ଅବସରରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସେ ବିଦ୍ୟାଳୟର ଶିକ୍ଷାର ମାନ ବୃଦ୍ଧି, ସର୍ବାଙ୍ଗୀନ ବିକାଶ ଏବଂ ଉତ୍ତରୋତ୍ତର ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।ଏଥିସହ ଛାତ୍ରଛାତ୍ରୀଙ୍କୁ ଉଚିତ ମାର୍ଗଦର୍ଶନ ଦେବା ସହିତ ଅଭିଭାବକମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସେଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଣି କହିଥିଲେ।

ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଏକ ଶୃଙ୍ଖଳିତ ଓ ଶିକ୍ଷା-ଅନୁକୂଳ ପରିବେଶ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ।ଯୋଗଦାନ ଉତ୍ସବରେ ବିଦ୍ୟାଳୟର ଫାଉଣ୍ଡର ଡାଇରେକ୍ଟର ରୋଟାରିଆନ୍ ଅଭୟ ପତି, ପ୍ରେସିଡେଣ୍ଟ ଆଡଭୋକେଟ୍ ଅସ୍ମିତା ପତି, ଭାଇସ୍ ପ୍ରିନ୍ସପାଲ୍ ଶ୍ରୀ ସରୋଜ ସାହୁଙ୍କ ସମେତ କୋ-ଅର୍ଡିନେସନ୍ କମିଟିର ବରିଷ୍ଠ ସଦସ୍ୟ ଅରବିନ୍ଦ ଦାସ , ବିଶ୍ୱରଞ୍ଜନ ଜେନା, ରଶ୍ମିରେଖା ମଲ୍ଲିକ, ଶ୍ରୀକାନ୍ତ ପାତ୍ର, ରଞ୍ଜନ ନାୟକ ଓ ଧର୍ମେନ୍ଦ୍ର ବେହେରା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।ନୂତନ ଅଧକ୍ଷଙ୍କ ଯୋଗଦାନକୁ ନେଇ ବିଦ୍ୟାଳୟ ପରିସରରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା।

# ମହାନଗର ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

## ପଦଯାତ୍ରାକୁ ନେଇ ଅସନ୍ତୁଷ୍ଟ ନେତା

ବ୍ରହ୍ମପୁର,୨।୧୦(ମନ୍ଥନ): ବ୍ରହ୍ମପୁର ମହାନଗର ବିଜୁ ଜନତା ଦଳ ପକ୍ଷରୁ ଆଜି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଗଞ୍ଜାମ ଜିଲ୍ଲାର ବହୁ ନେତୃବୃନ୍ଦ ଓ କର୍ମୀ ମାନଙ୍କ ଗହଣରେ ଗାନ୍ଧୀ ନଗର ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମହାନଗର ସଭାପତି ଶ୍ରୀ ଅଜିତ ପଣ୍ଡାଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ସୁବାସ ଚନ୍ଦ୍ର ମହାରଣା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ଜିଲ୍ଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ମହାନଗର ସଭାନେତ୍ରୀ ତଥା କର୍ପୋରେଟର ଡ଼ା ସୋନାଲି ଗନ୍ତାୟତ, ମହାନଗର କାର୍ଯ୍ୟକାରୀ ସଭାପତି ତଥା କର୍ପୋରେଟର ସମୀର କୁମାର ମିଶ୍ରଙ୍କ ବ୍ରହ୍ମପୁର ମହାନଗରର ସମସ୍ତ ମାନ୍ୟବର କର୍ପୋରେଟର, ବିଜୁ ଜନତା ଦଳର ବହୁ ବରିଷ୍ଠ ନେତୃବୃନ୍ଦ, କର୍ମକର୍ତ୍ତା, ଯୁବ-ଛାତ୍ର, ମହିଳା, କର୍ମୀ ଏବଂ ସମର୍ଥନ ମାନେ ସାମିଲ ହୋଇଥିଲେ । ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଅହିଂସା, ଶାନ୍ତି, ସତ୍ୟ ଓ ସେବାର ଆଦର୍ଶକୁ ସ୍ମରଣ କରି ମାଲ୍ୟାର୍ପଣ କରିଥିଲେ । ପରେ ସମସ୍ତେ ଏକତ୍ରିତ ହୋଇ ପୂର୍ବ ସୂଚନା ଅନୁସାରେ ଦଳ ପକ୍ଷରୁ ଆଜି ଠାରୁ ଆସନ୍ତା ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ



ହେବାକୁ ଥିବା ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହେବାକୁ ଥିବା ବେଳେ, ପୋଲିସ ପକ୍ଷରୁ ଆଜିର ଏହି କାର୍ଯ୍ୟକ୍ରମକୁ ମଞ୍ଜୁର ମିଳିନଥିବା ନେଇ ବହୁ ନେତା ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ତେବେ ବିନା ଅନୁମତିରେ ଏହାକୁ କୌଣସି ବାଜା ଶୋଭାଯାତ୍ରା ତଥା ବେନର ବ୍ୟବହାର ନକରି ନିରାଡମ୍ବର ଭାବେ ଶତାଧିକ ନେତା ମାନେ ପଦଯାତ୍ରା ମାର୍ଗ ଅନୁସାରେ ଗାନ୍ଧୀ ପ୍ରତିମୂର୍ତ୍ତି ଗାନ୍ଧୀନଗର ଠାରୁ ଆରମ୍ଭ କରି ରୁକ୍ମଣୀ ହଲ୍ ଛକ, ଗୌତମ ହଲ୍, ଏସ୍ ?ଏନ୍ ?ଟି ରୋଡ୍, ଗିରି ମାର୍କେଟ୍ ଛକ ହୋଇ ବିଜୁ ପଟ୍ଟନାୟକ ପାର୍କ ଠାରେ ପହଞ୍ଚି ଥିଲେ । ସେଠାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ଦୁରଦର୍ଶୀ ନେତୃତ୍ୱ, ଓଡ଼ିଶାର ବିକାଶ ପ୍ରତି ତାଙ୍କ ଅବଦାନ ଏବଂ ଜନସେବା ପ୍ରତି ତାଙ୍କ ଆଦର୍ଶକୁ ସ୍ମରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦଳୀୟ ନେତା ତଥା ଡେପୁଟି ମେୟର ଇ ବିବେକ ରେଡ୍ଡୀ, କର୍ପୋରେଟର ସୁରେନ୍ଦ୍ର ମହାରଣା, ଦୂର୍ଗା ଲାୟକ, ଅଶ୍ୱିନୀ ପଟ୍ଟନାୟକ, ଟି କିଶୋର ପାତ୍ର, ଟି ତିରୁପତି ପାତ୍ର, ଗୀତାରାଣୀ ପଣ୍ଡା, ଶ୍ୱେତ ରେଖା ତ୍ରିପାଠୀ, ପଦ୍ମିନୀ ମିଶ୍ର, କଦମ୍ବରି ଦାସଙ୍କ ସମେତ ନେତା ଦୂର୍ଗା ପ୍ରସାଦ ପଣ୍ଡା, ସତ୍ୟ ନାରାୟଣ ତ୍ରିପାଠୀ, ସୁଦର୍ଶନ ଦାସ, ଅସିତ୍ ସାବତ, କମଳ ପାତ୍ର ଯୁବ ଛାତ୍ର ସଭାପତି ଏବଂ ବହୁ କର୍ମୀ ମାନେ ଉପସ୍ଥିତ ଥିଲେ।

# ପୋଖରୀ ରେ ବୁଡ଼ି ଜଣେ ମୃତ, ୨୦ ଘଣ୍ଟା ପରେ ଶବ ଉଦ୍ଧାର

ଛେଣ୍ଡିପଦା,୨/୯(ନି.ପ୍ର- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ତୁକୁଡା ଗ୍ରାମର ଜଣେ ବ୍ୟକ୍ତି ପୋଖରୀ ରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି । ମୃତକ ହେଲେ ପିତାମ୍ବର ସାହୁ(୬୦ ବର୍ଷ) । ସୂଚନା ଯୋଗ୍ୟ ଯେ, ସେ ଗୁରୁବାର ସକାଳେ ଏକ ସାଇକେଲ ଯୋଗେ ଦେଉଳ ଖମଣ ଗ୍ରାମ ନିକଟସ୍ଥ ଧାନ ବିଲକୁ କାମ କରିବା ପାଇଁ ଯାଇଥିଲେ । ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ । ଏହାପରେ ଏକ ଗଭୀର ପୋଖରୀ ହୁଡା ଉପରେ ସାଇକେଲ ଥିବା ଜାଣିବାକୁ ପାଇଲା ପରେ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କୁ ତୁରନ୍ତ ଖବର ଦେଇଥିଲେ । ହେଲେ ବିଳମ୍ବିତ ରାତିରେ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଖୋଜାଖୋଜି କରିଥିଲେ ମଧ୍ୟ ଶବ ଉଦ୍ଧାର କରି ପାରିନଥିଲେ । ପୁନର୍ବାର ଶୁକ୍ରବାର ଦିନ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ପୋଖରୀ ଭିତରେ ବୁଡ଼ିରହିଥିବା ମୃତକଙ୍କ ଶବକୁ ଉଦ୍ଧାର କରିଥିଲେ । ପ୍ରାୟ ୨୦ ଘଣ୍ଟା ପରେ ଯାଇ ଶବ ଉଦ୍ଧାର କରାଯାଇଥିଲା । ତେବେ ପୋଖରୀ ଭିତରକୁ ଗାଧୋଇବାକୁ ଯାଇ ସେ ଗଭୀର ପାଣିରେ ବୁଡି ଯାଇଥିଲେ ବୋଲି କୁହାଯାଉଛି ।

# ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ, ବସ୍ତ୍ରଦାନ

ଚଣ୍ଡିଖୋଲ,୨/୧୦,:ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଗରୀବ ଅସହାୟ ଲୋକଙ୍କୁ ନୂତନ ବସ୍ତ୍ର ,ଛତା ବଣ୍ଟନ ସହିତ ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଂମ୍ପାଦକ ଗୋପାଳ ପାତ୍ର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀ ଭାବେ ଅଲ୍ ଇଣ୍ଡିଆ ରକ୍ତଦାନ ଶିବିର ସଭାପତି ଡ଼. ପ୍ରଶାନ୍ତ କୁମାର ଦାସ, ସମ୍ମାନନୀୟ ଅତିଥି ଭାବେ ଡ଼. ରଶ୍ମି ରଞ୍ଜନ ପଶାୟତ, ମୂଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ହୃଦାନନ୍ଦ ସାହୁ, ଅଧକ୍ଷା ମିନତୀ ସାହୁ, ଉପାଧକ୍ଷ ଜନ୍ମେଜୟ ସାହୁ, ସଭାପତି ନିମାଇଁ ଚରଣ ପଣ୍ଡା, କୋଷାଧକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ରଥ, ପୂର୍ବତନ ସଭାପତି ବସନ୍ତ ଶତପଥୀ,ସଙ୍ଗୀତା ଆଚାର୍ଯ୍ୟ, ପ୍ରଭାସିନୀ ମଲ୍ଲ, ବିଷ୍ଣୁପ୍ରିୟା ପାଣି, ପ୍ରଶାନ୍ତ ବେହେରା, ସତ୍ୟ ନାରାୟଣ ଜେନା, ବସନ୍ତ ପାତ୍ର, କୁଳମଣୀ ନାୟକ, ଗୋଲକ ବିହାରୀ ରାଉତ, ସୁଦାମ ଚରଣ ରାଉତ, ସମାଜସେବୀ ବୈଦ୍ୟନ୍ଦ୍ର ସାହୁ, ସନ୍ତୋଷ ନାୟକ,କୋରେଇ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଜୟନ୍ତ ପ୍ରଧାନ, ଗଣେଶ୍ୱର ସାହୁ, ଅରବିନ୍ଦ ଦାଶ, ସୁଶାନ୍ତ ପଣ୍ଡା,ନାରାୟଣ ସ୍ୱାଇଁ, ସୁମନ୍ତ ରଥ, ସୁନୀଲ ରାଉତ୍, ସନ୍ତୋଷ ଦାସ, ମାନସ ମଲ୍ଲିକ, ବିକାଶ ମଲିକ, ମଣି ଶଙ୍କର ମଲ୍ଲିକ, ଅଭିନ ସାହୁ, ସାଇ ସ୍ୱରୂପ ନାୟକ, ବିଶ୍ୱଜିତ୍ ସେଠୀ,ସମର ଜିତ୍ ପ୍ରଧାନ, ବିଶ୍ୱ ପ୍ରକାଶ ଖୁଣ୍ଟିଆ, ଗଗନ ବିହାରୀ ଦାସ, ଶୁଭେନ୍ଦୁ ସାମଲ,



ସୁଶାନ୍ତ କୁମାର ଗୋଚ୍ଛାୟତ, ଫାର୍ମାସିଷ୍ଟ ରଂଜନ ପ୍ରଧାନ କଟକ ସେଣ୍ଟ୍ରାଲ ରେଡକ୍ରସ କ୍ୟାମ୍ପ ଅର୍ଗାନାଇଜର ଅଭିନାଶ ଦାଶ ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ ସମାଜସେବା କ୍ଷେତ୍ରରେ ଯୁବ ସମାଜସେବୀ ନୀହାର ରଞ୍ଜନ କଣ୍ଡ ଓ ପ୍ରମୋଦ କୁମାର ପଟ୍ଟନାୟକ, ସ୍ମାଇଲ ବୃଦ୍ଧାଶ୍ରମ, ହ୍ୟୁମାନ ୱେଲ ଫେୟାର ଫାଉଣ୍ଡେଶନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଂହାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଜ୍ୟୋତି ରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଶିବିରରେ ୩୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

# ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଜଗତସିଂହପୁର,(ମନ୍ଥନ) ସତ୍ୟ ଅହିଂସା ର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୭ ତମ ଜନ୍ମ ଜୟନ୍ତୀ , ତଥା ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଆଜି ଜିଲ୍ଲାରେ ମହାସମାରୋହରେ ପାଳିତ ହୋଇଯାଇଅଛି।ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ସଭାପତିତ୍ୱ ରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା।

ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତି, ଜିଲ୍ଲା ପରିଷଦ ଜଗତସିଂହପୁର ଶ୍ରୀ ମନୋଜ କୁମାର ଭୋଇ ତାଙ୍କ ଭାଷଣ ରେ ଗାନ୍ଧିଜୀ ଙ୍କ ଅହିଂସା, ନମ୍ରତା, ସତ୍ୟ ଓ ପରିଶ୍ରମର ମାର୍ଗରେ ଚାଲିବା ପାଇଁ ଯୁବପିଢ଼ିଙ୍କୁ ପ୍ରେରଣା ଦେଇଥିଲେ। ଗାନ୍ଧୀଜୀଙ୍କ ଅହିଂସା, ସତ୍ୟ, ସ୍ୱାବଲମ୍ବନ ଓ ନିଶାମୁକ୍ତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ନିଜ ଜୀବନରେ ତାଙ୍କ ଆଦର୍ଶକୁ ଅନୁସରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ ।ସଭାର ସଭାପତି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ତାଙ୍କ ବକ୍ତବ୍ୟରେ ଯୁବପିଢୀଙ୍କୁ କହିଥିଲେ ଯେ ଗାନ୍ଧୀଜୀଙ୍କୁ କେବଳ ଭକ୍ତିରେ ଅନୁସରଣ କର ନାହିଁ; ତାଙ୍କ ଚିନ୍ତାଧାରା, ଆଦର୍ଶ ଓ ଜୀବନ ଦର୍ଶନ ସହ ଗଭୀର ଭାବରେ ଜଡ଼ିତ ହୁଅ ଏବଂ ସମାଜରେ ସେହି ମୂଲ୍ୟବୋଧକୁ କାର୍ଯ୍ୟରେ ପରିଣତ କର। ସେ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ସହ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନ ଓ ଦେଶସେବାକୁ ମଧ ନୂଆ ପିଢ଼ି ଜାଣିବା ଆବଶ୍ୟକ। ଇତିହାସର ବିଭିନ୍ନ ଘଟଣାକୁ ସମ୍ପୂର୍ଣ୍ଣ ଓ ତଥ୍ୟଭିତ୍ତିକ ଭାବେ ଅଧ୍ୟୟନ କରିବା ଦ୍ୱାରା ଯୁବପିଢ଼ି ଦେଶର ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ଧାରା ଓ ତାହାର ଅବଦାନ ବିଷୟରେ ଅଧିକ ସ୍ପଷ୍ଟ ଧାରଣା ପାଇପାରିବେ।ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ସତ୍ୟର ମାର୍ଗ ମାନବ ସମାଜ ପାଇଁ ଚିର ପ୍ରେରଣା ଏବଂ ଭାରତରତ୍ନ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଜବାନ, ଜୟ କିସାନ' ନାରା ଦେଶର ସୁରକ୍ଷା ଓ କୃଷକଙ୍କ ଗୁରୁତ୍ୱକୁ ପ୍ରତିଫଳିତ କରେ । ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ କେବଳ ପାଠ୍ୟପୁସ୍ତକରେ ସୀମିତ ନରଖି ନୈନ୍ଦିନ ଜୀବନ ଓ କାର୍ଯ୍ୟରେ ପ୍ରୟୋଗ କରିବା ହିଁ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ ।

ସମ୍ମାନନୀୟ ଅତିଥି ଭାବେ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସ୍ୱଚ୍ଛତାକୁ ଆମ ଜୀବନ ଶୈଳୀରେ ଆପଣେଇବାକୁ ତାଙ୍କ ମତ ପ୍ରକାଶ କରିଥିଲେ । ଏହି ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଟୀ ତନୟା ମହାନ୍ତି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ପିତ କୁମାର ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ବରିଷ୍ଠ ବୁଦ୍ଧିଜୀବୀ, ଆଇନଜୀବୀ, ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ , ଛାତ୍ରଛାତ୍ରୀ, ଅଭିଭାବକ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ର ପ୍ରାରମ୍ଭ ରେ ଅତିଥି ମାନେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ ଏବଂ ପରେ କ୍ରିଷ୍ଣା କଲଚୁରାଲ ଗ୍ରୁପ ଦ୍ୱାରା ଗାନ୍ଧୀ ଙ୍କ ପ୍ରିୟ 'ବୈଷ୍ଣବ ଜନ ତୋ' ପରିବେଷଣ କରାଯାଇଥିଲା।ବରିଷ୍ଠ ଶିକ୍ଷାବିତ ଶ୍ରୀ ସୁଭାଷ ଚନ୍ଦ୍ର ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ।ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ଆଜି ପ୍ରାତଃ ୪ଘ.୩୦ ମିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ସାହାଯ୍ୟରେ ପୌରାଞ୍ଚଳରେ ରାମଧୂନ ପରିବେଷଣ କରାଯାଇଥିଲା।ପରେ ବିଦ୍ୟାଳୟ ଗୁଡ଼ିକରେ ପ୍ରଭାତ ଫେରିର ଆୟୋଜନ କରାଯାଇଥିଲା।

# ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ

ଜଗତସିଂହପୁର,୨।୧୦: ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ,ଚେୟାରମ୍ୟାନ ,ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚରଣ ନିଗମ ଲିମିଟେଡ୍ ତଥା ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ଭାସ୍କର ଶର୍ମା ଗତକାଲି ଠାରୁ ଦୁଇ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ଆଜି ଅପରାହ୍ନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ସମୀକ୍ଷା କରିଥିଲେ। ପ୍ରଥମେ ଜିଲ୍ଲା ରେ ସ୍ୱାସ୍ଥ୍ୟ ବିଭାଗ ର କାର୍ଯ୍ୟକାରିତା ସହ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଓ ବାୟୋବନ୍ଦନା କାର୍ଡ ର ବଣ୍ଟନ ବିଷୟ ରେ ଆଲୋଚନା କରିବା ସହ ସ୍ୱାସ୍ଥ୍ୟ ସେବା ର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ।

ଶିକ୍ଷା କ୍ଷେତ୍ର ରେ ଜଗତସିଂହପୁର ଜିଲ୍ଲା ର ଉତ୍ତମ ପ୍ରଦର୍ଶନ ଓ ଜିଲ୍ଲାରେ ୫୦ ରୁ କମ ବିଦ୍ୟାର୍ଥୀ ଥିବା ବିଦ୍ୟାଳୟ କୁ ଚିହ୍ନଟ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲା ର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟ ର ରୂପରେଖ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାର ଙ୍କ ଯୋଜନା କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳ ଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର



ରାୟ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ପିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଡି ଏଫ୍ ଓ ରାଜନଗର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ଗତକାଲି ପାରାଦ୍ୱୀପ ଗସ୍ତ କରି ବିଭିନ୍ନ ଶିଳ୍ପ ଅନୁଷ୍ଠାନ ପରିଦର୍ଶନ ଓ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହିତ ଭୂତମୁଣ୍ଡାଇ ଟ୍ରକ ଟର୍ମିନାଲ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ସମ୍ପର୍କ ରେ ବିଭଗୀୟ ଅଧିକାରୀ ଙ୍କୁ ପଚାରି ବୁଝିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି sub-station କାର୍ଯ୍ୟକ୍ଷମ ହେଲେ ୧୦୦୦ ମେଗାୱାଟ ପର୍ଯ୍ୟନ୍ତ ଲୋଡ୍ ଦେବାସହ ୨୪ ଘଣ୍ଟା ପାୱାର ସପ୍ଲାଏ, ନିଯୁକ୍ତି ସୁଯୋଗ, ସ୍ମଲ୍ scale industry development, socio economic region development ଭଳି ନୂତନ ସଂଭାବନା ସୃଷ୍ଟି କରିବ ବୋଲି ଉଏଗ ଙଚଞଉଖ ସୂଚନା ଦେଇଛନ୍ତି।ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ, ଓ ବିଭାଗୀୟ ଅଧିକାରୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ରହି ସଚିବ ଙ୍କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ଦେଇଥିଲେ ।

# ଫାଉଣ୍ଡେସନର ବୟସ୍କ ଦିବସ, ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନାସଭା

କୋରାଇ,୨।୧୦(ନି.ପ୍ର): ବୟସ୍କମାନେ ସମାଜ'ରେ ଅଲୋଡା ନୁହଁନ୍ତି । ସେମାନେ ଅଭିଜ୍ଞ । ଯୁବପିଢୀଙ୍କ ପଥ ପ୍ରଦର୍ଶକ। ସେମାନେ ସର୍ବଦା ପୂଜ୍ୟନୀୟ, ତେଣୁ ବୟସ୍କମାନଙ୍କ ଦାୟିତ୍ୱ ଯୁବପିଢୀଙ୍କ କର୍ତବ୍ୟ ହେବା ଉଚିତ ବୋଲି କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଓ ନନ୍ଦକିଶୋର ସିଂହ ପଲ୍ଲୀବିକାଶ ସାଂସ୍କୃତିକ ଫାଉଣ୍ଡେସନ ଦ୍ୱାରା ଅନୁଷ୍ଠିତ 'ବୟସ୍କ ଦିବସ' ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶୁକ୍ରବାର ଅନୁଷ୍ଠିତ ଏହି ଆଲାଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଧନେଶ୍ୱର ପଂଚାୟତ ଅନ୍ତର୍ଗତ ମୃତ୍ୟୁଞ୍ଜୟପୁର(ପଣ୍ଡୁଲା) ସ୍ଥିତ ହିଙ୍ଗୁଳା କଲ୍ୟାଣ ମଣ୍ଡପ ପରିସରରେ ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ସଭାରେ ଫାଉଣ୍ଡେସନର ଟ୍ରଷ୍ଟି ଡକ୍ଟର ଅଶୋକ କୁମାର ସିଂହ ଫାଉଣ୍ଡସନର ବିବରଣୀ ପ୍ରଦାନ କରିଥିଲା ବେଳେ ସଂସଦର ସଂପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ପ୍ରାଧ୍ୟାପକ ଅକ୍ଷୟ କୁମାର ମାହାନ୍ତିଙ୍କ ସଂଚାଳନାରେ ମୁଖ୍ୟତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ଚନ୍ଦ୍ରଭାଗାର ସଂପାଦକ ଶ୍ରୀଦେବ ଯୋଗଦେଇ ସଭାକୁ ଉଦ୍‌ଘାଟନ ପୂର୍ବକ 'ବୟସ୍କମାନେ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କର ସର୍ବଦା ପୂଜ୍ୟନୀୟ' ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣଶ୍ରୀର ସଂପାଦକ ଡକ୍ଟର କାଳୀପଦ ପଣ୍ଡା ଯୋଗଦେଇ 'ବୟସ୍କ ମାନେ ସବୁ ସମୟରେ ସମାଜ ପାଇଁ ଦିଗ୍ ଦର୍ଶକ ସାଜିଥାନ୍ତି; ସେମାନେ କେବେବି କୌଣସି ପରିସ୍ଥିତରେ ଅଲୋଡା ନୁହଁନ୍ତି । ସମ୍ମାନିତ ଅତିଥିଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ନିହାରଞ୍ଜନ ଦାସ ଯୋଗଦେଇ ପୁରାଣ ଓ ଇତିହାସ ଯୁଗରୁ ବରିଷ୍ଠାମାନଙ୍କ ଭୂମିକ ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।



ସଂସଦସର କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ।

ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ପ୍ରଦତ 'ବୟସ୍କ ଦିବସ ସମ୍ମାନ' ବିଶିଷ୍ଟ ଗବେଷକ ଡକ୍ଟର ବିଜୟ କୁମାର ସାମଲ, ବରିଷ୍ଠ ସାହିତ୍ୟକା ସୁଭାଷିନୀ ଜୀ, ବିଶିଷ୍ଟ ଶିକ୍ଷାବିତ କୈଳାଶ ଚନ୍ଦ୍ର ନାୟକ, ପ୍ରାଧ୍ୟାପିକା ଡକ୍ଟର ଆରତି ଶତପଥୀ, ସ୍ୱାଧୀନାତା ସଂଗ୍ରାମୀ ସଂଗ୍ରାହକ ନବଘନ ସ୍ୱାଇଁ, ବରିଷ୍ଠ ସମାଜସେବୀ ରାଧାରାଣୀ ଦେଇଙ୍କ ସମେତ କୃତୀଛାତ୍ରୀ ରୋଷନି ପରବିନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ବରିଷ୍ଠ ସାହିତ୍ୟିକ ନିତ୍ୟାନନ୍ଦ ମହାନ୍ତିଙ୍କ କବିତା ପୁସ୍ତକ 'ଜୀବନ ପାତ୍ର, ମଙ୍ଗୁଳୀଚରଣ ଦାସଙ୍କ ପୁସ୍ତକ 'ସେ ବ୍ରଜନାରୀଙ୍କ ପୟରେ', ପଦ୍ମଲୋଚନ ମହାନ୍ତିଙ୍କ 'ସମୟର ସ୍ୱପ୍ନ' ଓ ବିନୋଦ ବିହାରୀ ସାହୁଙ୍କ 'ଆଦିମ ଅନ୍ଧାର' ପ୍ରମୁଖ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଫାଉଣ୍ଡେସନ ଟ୍ରଷ୍ଟି ଡକ୍ଟର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ପ୍ରଥମ ଅଧିବେଶନ କବିତା ପଠୋତ୍ସବ ସଂସଦର କାର୍ଯ୍ୟକାରୀ ସଭାପତି ଶିବଚରଣ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଜିଲାଲୋଖକ ସମ୍ମେଳନର ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ବରିଷ୍ଠ କବୟିତ୍ରୀ ବିଦ୍ୟୁତଲତା ଦାସ, ନାଟ୍ୟକାର ବନ୍ଧୁରେଖା ମହାପାତ୍ର, ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଂପାଦକ ବାଇଧର ମାଝୀଙ୍କ ସଂଚାଳନାରେ ଡକ୍ଟର ଅକ୍ଷୟ କୁମାର ଦାଶ, ପଣ୍ଡିତ ଅଶୋମକ କୁମାର ପତି ଓ ରଞ୍ଜିତା ଦାଶଙ୍କ ସଂଯୋଜନାରେ ବୃନ୍ଦାବନ ସାହୁ, ମଧୁସୂଦନ ମହାପାତ୍ର, ମଦନମୋହନ କର, ଅପର୍ଣ୍ଣା ମିଶ୍ର, ପ୍ରଫୁଲ୍ଲ ଆଚାର୍ଯ୍ୟ, ମାଙ୍ଗଳିକା ଦାସ, ନିର୍ମଳ କୁମାର ରାଉତ, ପ୍ରଭାତ ମଲ୍ଲିକ, ପ୍ରଣତୀ ପ୍ରୀତିନନ୍ଦା ନାୟକ, ନରୋତମ ସାହୁ, କାମେଶ୍ୱର ପାଣ୍ଡା, ରାମଚନ୍ଦ୍ର ଦାସ, ସୁକାନ୍ତି ପାଣ୍ଡା ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

# ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ

ଅନୁଗୋଳ,୨।୧୦: ସତ୍ୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨ତମ ଜନ୍ମ ଜୟନ୍ତୀ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳର ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର , ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜନ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶାନ୍ତର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସ୍ୱଚ୍ଛତା ଓ ସେବାର ପ୍ରତୀକ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ସଭାପତି ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ, ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କ ଅହିଂସା ନୀତି ଆଦର୍ଶର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ। ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଅବସରପ୍ରାପ୍ତ ଅଧକ୍ଷ ଡଃ. କୁଳମଣୀ ନାୟକ ଓ ବାଜିରାଉତ ଛାତ୍ରାବାସର ଛାତ୍ରୀମାନେ ଗୀତା ପାଠ କରିଥିବାବେଳେ ରେଭରେଣ୍ଟ ଯୋଶିୟ କାଉରୀ ବାଇବେଲ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱ ?ଚ୍ଛାସେବୀ, ବୁଦ୍ଧିଜୀବୀ, ଗାନ୍ଧୀପ୍ରେମୀ, ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ ।





## ଜିଓର ଦଶମ ଏନିଭର୍ସାରି ସ୍ୱତନ୍ତ୍ର ଅଫର : ୧,୪୯୯ ଟଙ୍କା ମୂଲ୍ୟର ଜିଓଭାରତ ୪ଜି ଫୋନ ସହିତ ୬ ମାସର ମାଗଣା ରିଚାର୍ଜ

**ମୁମ୍ବାଇ,୨।୧୦ (ନି.ପ୍ର):** ଜିଓର ଦଶମ ଏନିଭର୍ସାରି ଅଫର୍ ଅଧୀନରେ, ଜିଓ ପକ୍ଷରୁ ୧,୪୯୯ ଟଙ୍କା ମୂଲ୍ୟର ଜିଓଭାରତ ୪ଜି ଫୋନ୍ ସହିତ ୬ ମାସର ମାଗଣା ରିଚାର୍ଜ ସୁବିଧା ପ୍ରଦାନ କରାଯାଉଛି। ଏହି ଅବଧି ମଧ୍ୟରେ, ଗ୍ରାହକମାନେ ପ୍ରତି ମାସରେ ୧୪ ଜିବି ହାଇସ୍ପିଡ ଡାଟା ଏବଂ ଅସୀମିତ ଏଚଡି ଭଏସ୍ କଲିଂ ସୁବିଧା ପାଇବେ। ଏହାର ଅର୍ଥ ହେଉଛି ଯେ ଫୋନ୍ କିଣିବା ପରେ, ପରବର୍ତ୍ତୀ ଛଅ ମାସ ପାଇଁ ରିଚାର୍ଜ କରିବାର ଚିନ୍ତା ଦୂର ହୋଇଯିବ ଏବଂ ଅଲଗା ରିଚାର୍ଜ ପାଇଁ ଅତିରିକ୍ତ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ରହିବ ନାହିଁ। କମ୍ପାନୀ ବିଶେଷ ଭାବରେ ସେହି ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ଏହି ଅଫର୍ ଆରମ୍ଭ କରିଛି ଯେଉଁମାନେ ଏବେ ମଧ୍ୟ ୨ଜି ଫିଚର୍ ଫୋନ୍ ବ୍ୟବହାର କରୁଛନ୍ତି। ଜିଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏଭଳି ଗ୍ରାହକମାନେ ସାଧାରଣତଃ ରିଚାର୍ଜ ପାଇଁ ମାସକୁ ଅତି କମରେ ପ୍ରାୟ ୧୯୯ ଟଙ୍କା ଖର୍ଚ୍ଚ କରନ୍ତି। ଛଅ ମାସରେ, ଏହି ଖର୍ଚ୍ଚ ରାଶି ପ୍ରାୟ ୧,୨୦୦ ଟଙ୍କା ହୋଇଥାଏ। ଏହାକୁ ବିଚାରକୁ ନେଲେ




ଜିଓଭାରତ ସହିତ ୧,୪୯୯ ଟଙ୍କାରେ ଫୋନ୍ ଏବଂ ୬ ମାସର ରିଚାର୍ଜ ଉଭୟ ପାଇବା ଦ୍ୱାରା, ୨ଜିରୁ ୪ଜିକୁ ଉନ୍ନୀତ ହେବାର ପ୍ରକୃତ ଅତିରିକ୍ତ ଖର୍ଚ୍ଚ ମାତ୍ର ୨୯୯ ଟଙ୍କା ହେବ। ତେବେ କିଣିବା ସମୟରେ ଗ୍ରାହକଙ୍କୁ ଏକକାଳୀନ ୧,୪୯୯ ଟଙ୍କା ଦେବାକୁ ପଡିବ। ୨ଜିରୁ ୪ଜିକୁ ଉନ୍ନୀତ ହେବ ପରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ବ୍ୟତୀତ, ଜିଓଭାରତ ଫୋନ୍ ଅନ୍ୟାନ୍ୟ ଅନେକ ସୁବିଧା ମଧ୍ୟ ପ୍ରଦାନ କରୁଛି ଯେପରିକି ଜିଓଟିଭି ମାଧ୍ୟମରେ ୫୦୦ରୁ ଅଧିକ ଟିଭି ଚ୍ୟାନେଲ, ଜିଓହଟଷ୍ଟାରରେ କ୍ରିକେଟ୍, ଚଳଚ୍ଚିତ୍ର ଏବଂ ମନୋରନ କଣ୍ଟେଣ୍ଟ; ସୁମଧୁର ସଙ୍ଗୀତ ସମ୍ଭାର ଏବଂ ଜିଓ-ପେ ମାଧ୍ୟମରେ ୟୁପିଆଇ ପେମେଣ୍ଟ ସୁବିଧା। ଏହି ଫୋନରେ ୨.୪ ଇଞ୍ଚର ଡିସପ୍ଲେ ଏବଂ ୨୦୦୦ ଏମଏଏଚ ବ୍ୟାଟେରୀ ରହିଛି। ଏହି ଏନିଭର୍ସାରି ସ୍ୱତନ୍ତ୍ର ଅଫର୍ ନିର୍ଦ୍ଦିଷ୍ଟ ଜିଓଭାରତ ମଡେଲଗୁଡ଼ିକ ପାଇଁ ଉପଲବ୍ଧ ହେବ ଯାହା ମଧ୍ୟରେ ରହିଛି ଜିଓଭାରତ ଏ-ୱାନ, ବି-ୱାନ, ବି-ଟୁ ଏବଂ ବି-ଥ୍ରୀ ମଡେଲ୍।

## ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୬ର ଆସ୍ପାୟାର ଦଶମ ସଂସ୍କରଣରେ ଷ୍ଟାର୍ଟଅପ୍ ଗୁଡିକୁ ପ୍ରୋତ୍ସାହିତ କରିବ

**ଭୁବନେଶ୍ୱର, ୨।୧୦ (ନି.ପ୍ର)** : ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ ଡିପ୍ ଟେକ୍ ଏବଂ ଫ୍ରଣ୍ଟିୟର ଇନୋଭେସନକୁ ଏହାର ଷ୍ଟାର୍ଟଅପ୍ ଏଜେଣ୍ଡାର ମୂଳଦୁଆରେ ରଖିବ। ଏହାର ଫ୍ଲାଗସିପ୍ ଷ୍ଟାର୍ଟଅପ୍ ପ୍ଲାଟଫର୍ମ ଆସ୍ପାୟାର୍ ସହିତ, ଉଦୀୟମାନ କମ୍ପାନୀଗୁଡ଼ିକୁ ପ୍ରୋଟୋଟାଇପ୍ ରୁ ବଜାର ସୁଯୋଗ, ପୁଁ ବିନିଯୋଗ ଏବଂ ସ୍କେଲ୍ ଆଡକୁ ଯିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେବ। ଏହାର ଐତିହାସିକ ୧୦ ତମ ସଂସ୍କରଣରେ, ଆଇଏମ୍ସି ଷ୍ଟାର୍ଟଅପ୍ , ନିବେଶକ, ଶିଳ୍ପପତି ଏବଂ ଇକୋସିଷ୍ଟମ୍ ସକ୍ଷମକାରୀଙ୍କୁ ଏକତ୍ରିତ କରିବ ଏବଂ ଡିପ୍ ଟେକ୍ ନୂତନତ୍ୱ, ବଜାର ପ୍ରବେଶ, ନିବେଶକ-ଷ୍ଟାର୍ଟଅପ୍ ଯୋଗଦାନ ଏବଂ ଗାଇଡ୍ ନିବେଶକ ଭ୍ରମଣ ଉପରେ କେନ୍ଦ୍ରିତ ଏକ ଅନନ୍ୟ ମୂଲ୍ୟ ପ୍ରଦାନ କରିବ । ଟେଲିକମ୍ ବିଭାଗ (ଡିଓଟି) ଏବଂ ସେଲୁଲାର୍ ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ) ଦ୍ୱାରା ଆୟୋଜିତ ଆଇଏମସି ୨୦୨୬ ଅକ୍ଟୋବର ୭ ରୁ ୧୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବ ।

ଟେଲିକମ୍ ସେଂଟର ଅଫ୍ ଏକ୍ସିଲେନ୍ସ ଇଣ୍ଡିଆ (ଟିସିଓଇ ଇଣ୍ଡିଆ) ଏବଂ ଟିଆଇଇ ଦିଲ୍ଲୀ-ଏନସିଆର ଦ୍ୱାରା ପରିଚାଳିତ ଏବଂ ସମର୍ଥିତ, ଆସ୍ପାୟାର ୩୦୦ ରୁ ଅଧିକ ଭେଂଚର କ୍ୟାପିଟାଲ ଫାର୍ମ, ଆଲେ ନେଟୱାର୍କ, ଇନକ୍ୟୁବେଟର ଏବଂ କର୍ପୋରେଟ୍ ଇନୋଭେସନ ଫାର୍ମ ସହିତ ୫୦୦ ରୁ




ଅଧିକ ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇକୁ ଏକତ୍ର କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମ ୭୦୦ ରୁ ଅଧିକ କ୍ୟୁରେଟେଡ୍ ଷ୍ଟାର୍ଟଅପ୍ ୱାନ୍-ଟୁ-ୱାନ୍ ନିବେଶକ ବୈଠକକୁ ମଧ୍ୟ ସୁଗମ କରିବ ବୋଲି ଆଶା କରାଯାଉଛି।

ଅଶୋକ କୁମାର, ଡେପୁଟି ଡାଇରେକ୍ଟର ଜେନେରାଲ୍ ଦୂରସଂଚାର ବିଭାଗ କହିଛନ୍ତି, 'ଭାରତର ଟେକ୍ନୋଲୋଜି ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ କେବଳ ଆମର ଡିଜିଟାଲ୍ ଭିର୍ତ୍ତିଭୂମିର ଶକ୍ତି ଉପରେ ନିର୍ଭର କରେ ନାହିଁ, ବରଂ ଭାରତରୁ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଜ୍ଞାନକୌଶଳ ନିର୍ମାଣ କରୁଥିବା କମ୍ପାନୀଗୁଡିକର ପ୍ରତିପୋଷଣ କରିବାର ଆମର ଦକ୍ଷତା ଉପରେ ମଧ୍ୟ ନିର୍ଭର କରେ । ସରକାର ଏକ ସକ୍ଷମ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ନବସୃଜନ, ଉଦ୍ୟୋଗ ଏବଂ ପୁଁ ବିନିଯୋଗ ପରସ୍ପରକୁ ଦୃଢ କରିପାରିବ । ରଣନୀତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶକ୍ତିଶାଳୀ ଶିଳ୍ପ-ସରକାରୀ ସହଯୋଗ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେବ, ଯେଉଁଠାରେ ସ୍ଥାୟୀ ପୁଁ ବିନିଯୋଗ, ପ୍ରତିଭା ଏବଂ ଦୀର୍ଘକାଳୀନ ବଜାର ସୁଯୋଗ ସ୍ଥାୟୀ ଦକ୍ଷତା ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆଇଏମସି ଏକ ପ୍ଲାଟଫର୍ମ ସୃଷ୍ଟି କରି ଏହି ଲକ୍ଷ୍ୟକୁ କାର୍ଯ୍ୟରେ ପରିଣତ କରିବାରେ ସାହାଯ୍ୟ କରୁଛି ଯେଉଁଠାରେ ଭାରତର ଟେକ୍ନୋଲୋଜି ଇକୋସିଷ୍ଟମ୍ ନୂତନତ୍ୱକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ପାଇଁ ଆବଶ୍ୟକ ଭାଗିଦାରୀ ଗଠନ କରିପାରିବ ।'

## ଡିଆଜିଓ ଇଣ୍ଡିଆ ଦ୍ୱାରା ସମ୍ପୂର୍ଣ୍ଣ ନୂଆ 'ମ୍ୟାକଡୋୱେଲ୍ସ ନଂ.୧' ର ଶୁଭାରମ୍ଭ

**ଭାରତ,୨।୧୦ (ନି.ପ୍ର):** ଡିଆଜିଓ ଇଣ୍ଡିଆ ଭାରତୀୟ ମଦ୍ୟପାନୀୟ ଶିଳ୍ପରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଏହା ଦର୍ଶାଉଛି ଯେ କିପରି ଭାରତର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ଏକ ନୂତନ ପିଢ଼ି ପାଇଁ ନିଜକୁ ବିକଶିତ କରୁଛି ଏବଂ ହ୍ୱିସ୍କି ବର୍ଗରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି। କେବଳ ପାରମ୍ପାରିକ ପ୍ୟାକେଜିଂରେ ପରିବର୍ତ୍ତନ ଠାରୁ ବହୁ ଊର୍ଦ୍ଧ୍ୱରେ ରହି, ଏହି ନୂତନ ରୂପାୟନରେ ଅତିରିକ୍ତ ସ୍କଚ୍ ସହିତ ଏକ ଉନ୍ନତମାନର ବ୍ଲେଣ୍ଡର ସମାବେଶ କରାଯାଇଛି। ଏଥିରେ ପାରମ୍ପାରିକ ସ୍କଚ୍ ବୈଶିଷ୍ଟ୍ୟଗୁଡ଼ିକୁ ବଜାୟ ରଖିବା ସହିତ ନୂତନ ପିଢ଼ି ପାଇଁ ସେଗୁଡ଼ିକୁ ଆଧୁନିକୀକରଣ କରାଯାଇଛି ଏବଂ ଏକ ନୂତନ ପ୍ରିମିୟମ୍ ପରିଚୟ ପ୍ରଦାନ କରାଯାଇଛି। ଫଳସ୍ୱରୂପ, 'ମ୍ୟାକଡୋୱେଲ୍ସ ନଂ.୧' ଏକ ବିକଶିତ ରୂପ ନେଇଛି, ଯାହା ଶହେ ବର୍ଷରୁ ଅଧିକ ସମୟର ବିଶ୍ୱାସ ଓ ପରିଚିତି ଉପରେ ଆଧାରିତ ହୋଇ ଆଜିର ହ୍ୱିସ୍କି ଗ୍ରାହକଙ୍କ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି। ବାର୍ଷିକ ୩୦ ନିୟୁତରୁ ଅଧିକ କେସ୍ ବିକ୍ରି ହେବା ସହିତ, ମ୍ୟାକଡୋୱେଲର ନମ୍ବର ୧ ର ପରିବର୍ତ୍ତନ ଭାରତୀୟ ହ୍ୱିସ୍କି ବର୍ଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଗ୍ରାହକଙ୍କ ପସନ୍ଦ ମୂଲ୍ୟ ଦ୍ୱାରା ମାପ କରାଯାଇଥିବା ମୂଲ୍ୟରୁ ଗୁଣବତ୍ତା, କାରିଗରୀ ଏବଂ ଅଭିଜ୍ଞତା ଦ୍ୱାରା ପରିଭାଷିତ ମୂଲ୍ୟକୁ ପରିବର୍ତ୍ତିତ ହେଉଥିବାରୁ, ଗ୍ରାହକମାନେ ବର୍ଦ୍ଧିତ ଭାବରେ ଏପରି ହ୍ୱିସ୍କି ଖୋଜୁଛନ୍ତି ଯାହା କେବଳ ମସୃଣତା ଏବଂ ସୁଧାର ପ୍ରଦାନ କରେ ନାହିଁ, ବରଂ ସାମାଜିକ ମୁଦ୍ରା ମଧ୍ୟ ପ୍ରଦାନ କରେ: ଏକ ପାନୀୟ ଯାହା ସ୍ୱାଦ ଏବଂ ସ୍ଥିତିରେ ଏକ ପଦକ୍ଷେପ ବୃଦ୍ଧି କରିବା ସହିତ ଉତ୍ସବ ଏବଂ ସଂଯୋଗର ମୁହୂର୍ତ୍ତରେ ସହଜରେ ଫିଟ୍ ହୁଏ। ମ୍ୟାକଡୋୱେଲର ନମ୍ବର ୧ ଏହି ବିବର୍ତ୍ତନର ପ୍ରତିକ୍ରିୟା କରୁଛି ଯାହା ବ୍ରାଣ୍ଡ ସର୍ବଦା ପାଇଁ ଠିଆ ହୋଇଥିବା




ପ୍ରବେଶଯୋଗ୍ୟତା ଏବଂ ଅନ୍ତର୍ଭୁକ୍ତି ସହିତ ଆପତ୍ତି ନକରି ଉଚ୍ଚ ଗୁଣବତ୍ତା ଏବଂ କାରିଗରୀ ପ୍ରଦାନ କରୁଛି। ପରିବର୍ତ୍ତନର ମୂଳରେ ଏକ ଉନ୍ନତ ମିଶ୍ରଣ ଅଛି: ଚୟନିତ ଆମଦାନୀ ହୋଇଥିବା ସ୍କଚ୍, ଭାରତୀୟ ମାଲ୍ଟ ଏବଂ ପ୍ରିମିୟମ୍ ଶସ୍ୟ ସ୍ପିରିଟ୍ ?ର ମିଶ୍ରଣ, ଚୟନିତ ଓକ୍ ଏବଂ ଆମେରିକୀୟ ବ୍ୟାରେଲରେ ପରିପକ୍ୱ ଏବଂ ଅତିରିକ୍ତ ସୁଥ୍ ପାଇଁ ଭାରତ ଏବଂ ସ୍କଟଲ୍ୟାଣ୍ଡରେ ମିଶ୍ରିତ। ୧୦୦ ରୁ ଅଧିକ ଗୁଣବତ୍ତା ଯାଞ୍ଚ ମାଧ୍ୟମରେ ଯାଞ୍ଚ କରାଯାଇଥିବା, ତରଳ ପଦାର୍ଥଟି ଭାନିଲା, କୋମଳ ଶସ୍ୟ ମିଠା ଏବଂ ମୃଦୁ ମାଲ୍ଟର ନୋଟ୍ ସହିତ ଏକ ହାଲୁକା ଏବଂ ଆମନ୍ତ୍ରଣକାରୀ ସୁଗନ୍ଧ ରଖିଛି, ଯାହା ପରିପକ୍ୱ କାଠ ଏବଂ କୋମଳ ମିଠା ମସଲାର ସୂକ୍ଷ୍ମ ସୂଚନା ଦ୍ୱାରା ପରିପୂରକ। ନରମ ମାଲ୍ଟ, ଓଡି ଏବଂ ଭାନିଲା ନୋଟ୍ ସହିତ କୋମଳ ମିଠା ସ୍ତର, ଯାହା ଭାନିଲା କ୍ରିମ୍ ଏବଂ ନାଜୁକ ମିଠାର ଦୀର୍ଘକାଳୀନ ସୂଚନା ସହିତ ଏକ ସଫା, ମସୃଣ ଫିନିଶ୍ ଆଡ଼କୁ ନେଇଥାଏ। ଡିଆଜିଓର ବିଶ୍ୱସ୍ତରୀୟ ମିଶ୍ରଣ ବିଶେଷଜ୍ଞତା ଉପରେ ନିର୍ମିତ, ନୂତନ ତରଳ ପଦାର୍ଥଟି ସେହି ସ୍ୱତନ୍ତ୍ର ଚରିତ୍ରକୁ ବଜାୟ ରଖିଛି ଯାହା ମ୍ୟାକଡୋୱେଲଙ୍କ ନମ୍ବର ୧କୁ ବିଶ୍ୱର ସବୁଠାରୁ ପ୍ରିୟ ହ୍ୱିସ୍କି ବ୍ରାଣ୍ଡ ମଧ୍ୟରୁ ଗୋଟିଏ କରିଛି। ପରିବର୍ତ୍ତନ ତରଳ ପଦାର୍ଥ ବାହାରେ ବିସ୍ତାରିତ। ଏକ ପୁନଃନିର୍ମାଣିତ ବୋତଲ ଏବଂ ସମସାମୟିକ ଦୃଶ୍ୟ ପରିଚୟ ସେଲ୍ଫରେ ଏକ ଅଧିକ ପ୍ରିମିୟମ୍, ସ୍ୱତନ୍ତ୍ର ଏବଂ ଆକାଂକ୍ଷୀ ଉପସ୍ଥିତି ଆଣିଥାଏ, ବ୍ରାଣ୍ଡର ପରବର୍ତ୍ତୀ ଅଧ୍ୟାୟକୁ ସଙ୍କ ?ତ ଦେବା ସମୟରେ ଭିତରର ଉନ୍ନତ ଅଭିଜ୍ଞତାକୁ ପ୍ରତିଫଳିତ କରେ। ଏହି ପରିବର୍ତ୍ତନ ସମ୍ପର୍କରେ ମତାମତ ଦେଇ ଡିଆଜିଓ ଇଣ୍ଡିଆର ଚିଫ୍ ? ମାର୍କେଟିଂ ଅଫିସର ରୁଚିରା ଜୈତଲୀ କହିଛନ୍ତି, 'ଆଜିର ହ୍ୱିସ୍କି ପାନକାରୀମାନେ ମୂଲ୍ୟର ସଂଜ୍ଞା ବଦଳାଉଛନ୍ତି। ଏହା କେବଳ ସୁଲଭ ମୂଲ୍ୟ ବିଷୟରେ ନୁହେଁ, ବରଂ ଗୁଣବତ୍ତା, କାରିଗରୀ ଏବଂ ଅନୁଭୂତି ବିଷୟରେ ମଧ୍ୟ ଅଟେ।

## ଆକ୍ସିସ ବ୍ୟାଙ୍କ ପକ୍ଷରୁ ଭାରତରେ କ୍ରେଡିଟ କାର୍ଡ ଗ୍ରାହକଙ୍କ ପାଇଁ ଆପଲ ପେ ର ଶୁଭାରମ୍ଭ

**ଭୁବନେଶ୍ୱର, ୨।୧୦ (ନି.ପ୍ର)** : ଦେଶର ଅନ୍ୟତମ ସର୍ବବୃହତ୍ତ ଘରୋଇ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ପକ୍ଷରୁ ପ୍ରଥମ ଭାରତୀୟ ବ୍ୟାଙ୍କ ଭାବେ ମାଷ୍ଟରକାର୍ଡ ଓ ଭିସା ନେଟୱର୍କରେ ଏହାର କ୍ରେଡିଟ କାର୍ଡ ଗ୍ରାହକମାନଙ୍କ ପାଇଁ ଆପଲ ପେ ର ଶୁଭାରମ୍ଭ କରାଯାଇଚି। ବ୍ୟାଙ୍କର ଡିଜିଟାଲ ପେମେଂଟ ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆପଲ ପେ ର ସୁବିଧାଜନକ, ସୁରକ୍ଷିତ ଓ ବ୍ୟକ୍ତିଗତ ପେମେଂଟ ଅନୁଭୂତି ସହ ବ୍ୟାଙ୍କ ନିଜର କ୍ରେଡିଟ କାର୍ଡ କାରବାର ଓ ଡିଜିଟାଲ ଦକ୍ଷତାକୁ ସୁଦୃଢ଼ କରିଛି। ଆଗାମୀ କିଛି ସପ୍ତାହ ମଧ୍ୟରେ ଗ୍ରାହକମାନେ ଆପଲ ଆଇଫୋନ, ଆପଲ ୱାଚ ଓ ଆଇପ୍ୟାଡ ଜରିଆରେ ଷ୍ଟୋର, ଇନଆପ ଓ ଅନଲାଇନରେ ବ୍ୟବସାୟୀଙ୍କୁ ସୁବିଧାରେ ପେମେଂଟ କରିପାରିବେ। ଏହି ସୁବିଧା ଖୁବଶୀଘ୍ର ମ୍ୟାକ ପାଇଁ ମଧ୍ୟ ଉପଲବ୍ଧ ହେବ। ଆକ୍ସିସ ବ୍ୟାଙ୍କର ମାଷ୍ଟରକାର୍ଡ ଓ ଭିସା କ୍ରେଡିଟ କାର୍ଡ ଗ୍ରାହକମାନେ ଆକ୍ସିସ ବ୍ୟାଙ୍କର ମୋବାଇଲ ବ୍ୟାଙ୍କିଂ ଆପ କିମ୍ବା ସିଧାସଳଖ ଭାବେ ଆପଲ ୱାଲେଟରେ ସେମାନଙ୍କ କାର୍ଡକୁ ଯୋଡ଼ିପାରିବେ। ଆପଲ ଡିଭାଇସରେ କାର୍ଡକୁ ଯୋଡ଼ିବା ପରେ ସେମାନେ ଆପଲ ପେକୁ ବ୍ୟବହାର କରି ପେମେଂଟ କରିପାରିବେ। ଗ୍ରାହକମାନେ ଆକ୍ସିସ ବ୍ୟାଙ୍କ କାର୍ଡସ ଦ୍ୱାରା ଦିଆଯାଉଥିବା ରିୱାର୍ଡ ଓ ଲାଭଗୁଡ଼ିକୁ ମଧ୍ୟ ପାଇପାରିବେ। ଗ୍ରାହକମାନଙ୍କ ମଧ୍ୟରେ ମୋବାଇଲ ପ୍ରଥମ, ସ୍ପର୍ଶବିହୀନ ଓ ଟୋକନାଇଜଡ ପେମେଂଟ କରିବାକୁ ଅଧିକ ପସନ୍ଦ କରୁଥିବାରୁ ଆକ୍ସିସ ବ୍ୟାଙ୍କର ଡିଜିଟାଲ ପେମେଂଟ ସମାଧାନକୁ ଆପଲ ପେ ବଢ଼ାଇବ ଓ ଗ୍ରାହକମାନଙ୍କୁ ପେମେଂଟରେ ଅଧିକ ସୁବିଧା ପ୍ରଦାନ କରିବ। ଡିଜିଟାଲ ପେମେଂଟ ବେଶ ଉନ୍ନତ ହୋଇଥିବାରୁ ଆକ୍ସିସ ବ୍ୟାଙ୍କର ପେମେଂଟ ସୁରକ୍ଷା ରଣନୀତିରେ ସୁରକ୍ଷା ହେଉଛି ଗୁରୁତ୍ୱପୂର୍ଣ୍ଣ। ଗୋପନୀୟତା ହେଉଛି ଆପଲ ପେର ମୁଖ୍ୟ ଆକର୍ଷଣ। କାର୍ଡ ସଂଖ୍ୟାକୁ ଡିଭାଇସରେ କିମ୍ବା ଆପଲ ସର୍ଭରରେ ରଖାଯିବ ନାହିଁ। ଏହା ବଦଳରେ ଏକ ସ୍ୱତନ୍ତ୍ର ଡିଭାଇସ ଆକାଉଂଟ ନମ୍ବର ରହିବ। ଆକ୍ସିସ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ, 'ଆମେ ଆଜି ପେମେଂଟ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଂଚିଛୁ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା, ବୁଦ୍ଧିମତାପୂର୍ଣ୍ଣ ସୁରକ୍ଷା ଓ ଗ୍ରାହକଙ୍କ ବଦଳୁଥିବା ଆଶା ଲୋକଙ୍କ କାରବାର ଶୈଳୀକୁ ଏକ ନୂଆ ରୂପ ଦେଉଛି। ଆକ୍ସିସ ବ୍ୟାଙ୍କରେ ଆମର ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ପାଇଁ ଅଧିକ ଆଧୁନିକ, ବିଶ୍ୱସନୀୟ ଓ ଅତ୍ୟନ୍ତ ପ୍ରାସଙ୍ଗିକ ପେମେଂଟ ଅନୁଭୂତି ପ୍ରସ୍ତୁତ କରି ଏହି ପରିବର୍ତ୍ତନର ଆଗଧାଡ଼ିରେ ରହିବା। ଆପଲ୍ ପେର ଶୁଭାରମ୍ଭ ଆମର ଏହି ଅଭିଳାଷକୁ ଆଗକୁ ନେଉଛି ଯାହା ମାଷ୍ଟରକାର୍ଡ ଓ ଭିସା ନେଟୱାର୍କ ମାଧ୍ୟମରେ ଆମର କ୍ରେଡିଟ୍ କାର୍ଡ ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ଓ ସୁବିଧା ପ୍ରଦାନ କରୁଛି। ଯେହେତୁ ପେମେଂଟ ବ୍ୟବସ୍ଥା ଗ୍ରାହକଙ୍କ ଦୈନନ୍ଦିନ ଡିଜିଟାଲ୍ ଜୀବନ ସହ ଯୋଡ଼ିହୋଇରହିଛି, ତେଣୁ ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ନବସୃଜନ ଓ ବିଶ୍ୱାସକୁ ଏକାଠି କରିବା ସହ ପ୍ରତ୍ୟେକ କାରବାରକୁ ଅଧିକ ସରଳ ଓ ପ୍ରାସଙ୍ଗିକ କରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଏକ ଅଧିକ ସଂଯୋଜିତ ଓ ଅତ୍ୟାଧୁନିକ ପେମେଂଟ ବ୍ୟବସ୍ଥା ପ୍ରତି ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପ୍ରତ୍ୟେକ ନେଣଦେଣରେ ସୁବିଧା ଓ ଆତ୍ମବିଶ୍ୱାସ ପ୍ରଦାନ କରିଥାଏ।'' ଆପଲ୍ ପେ ଓ ଆପଲ୍ ୱଲେଟ ର ଉପସଭାପତି ଜେନିଫର ବେଲି କହିଛନ୍ତି ଯେ, 'ଭାରତ ହେଉଛି ଏକ ଗତିଶୀଳ ଓ ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ ଜନସଂଖ୍ୟାର ଦେଶ ଯାହା ସର୍ବୋଚ୍ଚ ସ୍ତରର ସୁରକ୍ଷା ଓ ଗୋପନୀୟତାର ଆଶା ରଖି ନଗଦବିହୀନ ଭବିଷ୍ୟତ ଆଡ଼କୁ ଆଗେଇ ଚାଲିଛି। ଆଜି ଭାରତର ବ୍ୟବହାରକାରୀଙ୍କ ପାଇଁ ଆପଲ୍ ପେ ଆଣିବାକୁ ନେଇ ଆମେ ଅତ୍ୟନ୍ତ ଉତ୍ସାହିତ। କାର୍ଡ ମାଧ୍ୟମରେ ଆପଲ୍ ପେ ଦୈନନ୍ଦିନ ପେମେଂଟକୁ ଅଧିକ ସହଜ, ସୁରକ୍ଷିତ ଓ ଗୋପନୀୟ କରିଛି। ଦୋକାନଗୁଡ଼ିକରେ କୌଣସି ଅତିରିକ୍ତ ଆପ୍, ପିନ୍ କିମ୍ବା ଓଟିପି ବିନା କେବଳ ଟ୍ୟାପ୍ କରି ପେମେଂଟ କରିବାଠାରୁ ଆରମ୍ଭ କରି ବାରମ୍ବାର କାର୍ଡ ସୂଚନା ନ ଦେଇ ଅନଲାଇନ୍ ପେମେଂଟ କରିବା ପର୍ଯ୍ୟନ୍ତ ଏହା ସବୁ କିଛିକୁ ସରଳ କରିପାରିଛି।

## ହାରାହାରି ୧୫ ଲକ୍ଷ ଟଙ୍କାର ମୃତ୍ୟୁ ଦାବି ପ୍ରଦାନକରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସ୍ୟୁରାନ୍ସ ଆଗରେ




**ଭୁବନେଶ୍ୱର, ୨।୧୦ (ନି.ପ୍ର):** : ଆର୍ଥିକ ବର୍ଷ ୨୦୨୬ରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସୁରାନ୍ସ ପରିବାରଗୁଡ଼ିକୁ ହାରାହାରି ୧୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୃତ୍ୟୁ ଦାବି ରାଶି ପ୍ରଦାନ କରି କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଏହି ତାଲିକାରେ ଆଗରେ ରହିଛି । ଆର୍ଥିକ ବର୍ଷ ୨୦୨୧ରେ ଏହି ରାଶି ପ୍ରାୟ ୧୦ ଲକ୍ଷ ଟଙ୍କା ଥିବାବେଳେ ତାହା ଆର୍ଥିକ ବର୍ଷ ୨୦୨୬ରେ ବୃଦ୍ଧି ପାଇ ୧୫ ଲକ୍ଷ ଟଙ୍କାରେ ପଂହଚିଛି ।

ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସୁରାନ୍ସର ଅଣ୍ଡରରାଇଟିଂ ଏବଂ ରିଟେଲ୍ କ୍ଲେମ୍ସ ମୁଖ୍ୟ ଶ୍ରୀଯୁକ୍ତ ସାରଙ୍ଗ ଗୋଖଲେ କହିଛନ୍ତି, 'ଆର୍ଥିକ ବର୍ଷ ୨୦୨୬ରେ, ଆମେ ୫,୧୪୯ କୋଟି ଟଙ୍କାର ମୃତ୍ୟୁ ଦାବି ରାଶି ପୈଠ କରିଛୁ । ଏଥିସହିତ, ଆର୍ଥିକ ବର୍ଷ ୨୦୨୬ରେ ଆମର ୯୯.୩% ଦାବି ସମାଧାନ ଅନୁପାତ ରହିଛି ଏବଂ ସମଗ୍ର କମ୍ପାନୀ ସ୍ତରରେ ଶେଷ ଦସ୍ତାବିଜ୍ ମିଳିବା ତାରିଖଠାରୁ ଯାଂଚ ଆବଶ୍ୟକ ନଥିବା ବ୍ୟକ୍ତିଗତ ଦାବିଗୁଡ଼ିକର ସମାଧାନ ପାଇଁ ହାରାହାରି ମାତ୍ର ୧.୧ ଦିନ ସମୟ ଲାଗିଛି ।'

## ଜେନସ୍ ଇନୋଭେସନ୍ ପକ୍ଷରୁ ଓଡ଼ିଶାରେ ୧୦୦ରୁ ଅଧିକ ଡିଲରଙ୍କୁ ନିୟୋଜନ ସହ ଅଭିବୃଦ୍ଧି ରଣନୀତିର ସୁଦୃଢ଼ୀକରଣ

**ଭୁବନେଶ୍ୱର, ୨।୧୦ (ନି.ପ୍ର)** : ଭାରତର ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଓ ଅକ୍ଷୟ ଶକ୍ତି ପରିଚାଳନା ସମାଧାନର ଅଗ୍ରଣୀ ସଂସ୍ଥା ଜେନସ୍ ଇନୋଭେସନ୍ ଲିମିଟେଡ୍ ପକ୍ଷରୁ ଡିଲର ଓ ଚ୍ୟାନେଲ୍ ନେଟୱାର୍କ ଜରିଆରେ ଓଡ଼ିଶାରେ ଉପସ୍ଥିତି ସୁଦୃଢ଼ କରାଯାଇଛି। କମ୍ପାନି ଏହାର ପାୱାର ବ୍ୟାକ୍ଅପ୍, ଶକ୍ତି ସଂରକ୍ଷଣ ଓ ସୋଲାର ସମାଧାନକୁ ସମ୍ପ୍ରସାରଣ ଓ ବଜାରରେ ଗଭୀର କରିବାକୁ ଚାହୁଁଥିବା ବେଳେ ନିକଟରେ ଭୁବନେଶ୍ୱରରେ ଆୟୋଜନ କରାଯାଇଥିବା ଏକ ଡିଲର ସମ୍ମିଳନୀରେ ସାରା ରାଜ୍ୟରୁ ୧୦୦ରୁ ଅଧିକ ଡିଲର ଓ ଚ୍ୟାନେଲ ପାର୍ଟନରଙ୍କୁ ଏକତ୍ରୀତ କରାଯାଇଥିଲା। ଭରସାଯୋଗ୍ୟ ପାୱାର ବ୍ୟାକ୍ଅପ୍, ଶକ୍ତି ଅନୁକୂଳ ସମାଧାନ ଓ ସୋଲାର ସମନ୍ୱିତ ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ଗ୍ରାହକ ଚାହିଦା ବଢୁଥିବାରୁ ଏହି ଡିଲର ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଜେନସ ଇନୋଭେସନକୁ ଚ୍ୟାନେଲ ପାର୍ଟନରମାନଙ୍କ ସହ ସିଧାସଳଖ ଯୋଡ଼ି ହେବା, ନିଜ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶିତ କରିବା ଓ ଉଦୀୟମାନ ବଜାର ସୁଯୋଗ ଯୋଡ଼ି ହେବା ଓ ଓଡ଼ିଶା ବଜାର ପାଇଁ ଏହାର ଉତ୍ପାଦ ଓ ରୋଡମ୍ୟାପ୍‌କୁ ଉପସ୍ଥାପନ କରିବାର ସୁଯୋଗ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମରେ କମ୍ପାନିର ଇନବିଲଟ



ଲିଥିୟମ ଇନଭର୍ଟର ମାକ୍ସିଲିଅନ ଓ ନିକଟରେ ଉନ୍ମୋଚନ କରାଯାଇଥିବା ହାଇ-ଫ୍ଲୋ ହାଇବ୍ରିଡ ସୋଲାର ଇନଭର୍ଟର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉତ୍ପାଦ ପ୍ରଦର୍ଶନ ଓ ଭାବ ବିନିମୟ କାର୍ଯ୍ୟକ୍ରମ ସହିତ ଡିଲରମାନେ କମ୍ପାନିର ପାୱାର ବ୍ୟାକପ ସମାଧାନ ଓ ଶକ୍ତି ସଂରକ୍ଷଣ ପ୍ରୟୋଗକୁ ଭଲ ଭାବେ ବୁଝିପାରିଥିଲେ। ଜେନସ ଇନୋଭସେନ ଲିମିଟେଡର ବରିଷ୍ଠ ଉପସଭାପତି-ସେଲ୍ସ ଶ୍ରୀ ହର୍ଷ ବର୍ଦ୍ଧନ ଶର୍ମା କହିଛନ୍ତି, 'ଭରସାଯୋଗ୍ୟ ପାୱାର ବ୍ୟାକଅପ ଓ ସ୍ମାର୍ଟ ଶକ୍ତି ସମାଧାନକୁ ନେଇ ଗ୍ରାହକମାନଙ୍କ ଆବଶ୍ୟକତା ବଦଳୁଥିବାରୁ ଓଡ଼ିଶା ହେଉଛି ଆମ ପାଇଁ ଏକ ଅଗ୍ରାଧିକାର ବଜାର। ଆମ ଓଡ଼ିଶା ଡିଲର ସମ୍ମିଳନୀ ଆମକୁ ଚ୍ୟାନେଲ ପାର୍ଟନରମାନଙ୍କ ସହ ସିଧାସଳଖ ଯୋଡ଼ିହେବା, ଉତ୍ପାଦକୁ ବୁଝାଇବା, ଭାବ ବିନିମୟ କରିବା ଓ ବଜାରର ଉଦୀୟମାନ ଆବଶ୍ୟକତାକୁ ବୁଝାଇବାର ସୁଯୋଗ ପ୍ରଦାନ କରିଥିଲା। ଓଡ଼ିଶା ସମ୍ମିଳନୀରେ ୧୦୦ରୁ ଅଧିକ ଡିଲରମାନଙ୍କ ସମାଗମ ଆମ ଚ୍ୟାନେଲ ସମ୍ପର୍କର ଦୃଢ଼ତାକୁ ପ୍ରତିଫଳିତ କରୁଛି ଏବଂ ରାଜ୍ୟରେ ଆମ ପରବର୍ତ୍ତୀପର୍ଯ୍ୟାୟ ଉପସ୍ଥିତି ଗଢ଼ିବା ପାଇଁ ଆମେ ଉତ୍ପାଦ ତାଲିମ, ବଜାର ସହାୟତା ଓ ପ୍ରଯୁକ୍ତି ଆଧାରିତ ସମାଧାନରେ ନିବେଶ ଜାରି ରଖିବୁ।''

## ସୋନି ଇଣ୍ଡିଆ ପକ୍ଷରୁ ନୂଆ ୪୦୦ ଏମ୍ଏମ୍ ଓ ୬୦୦ ଏମ୍ଏମ୍ ଜି ମାଷ୍ଟର ସୁପର-ଟେଲିଫଟୋ ପ୍ରାଇମ୍ ଲେନ୍‌ସର ଶୁଭାରମ୍ଭ

**ଭୁବନେଶ୍ୱର, ୨।୧୦ (ନି.ପ୍ର)** : ସୋନି ଇଣ୍ଡିଆ ପକ୍ଷରୁ ଦୁଇଟି ନୂଆ ଜି ମାଷ୍ଟର ସୁପର ଟେଲିଫଟୋ ପ୍ରାଇମ୍ ଲେନ୍ସକୁ ଆଲ୍‌ଫା ଫୁଲ୍ ଫ୍ରେମ୍ ଇ-ମାଉଂଟ୍ ସିଷ୍ଟମ୍ ପାଇଁ ଉନ୍ମୋଚନ କରାଯାଇଛି। ୪୦୦ ଏମ୍ଏମ୍ ଫୋକାଲ୍ ଲେନ୍ଥ ସହ ଏଫ୍‌ଇ ୪୦୦ ଏମ୍ଏମ୍ ଏଫ୍୪.୫ ଜିଏମ୍ ଓଏସଏସ୍ ଓ ୬୦୦ ଏମ୍ଏମ୍ ଫୋକାଲ୍ ଲେନ୍ଥ ସହିତ ଏଫ୍‌ଇ ୬୦୦ ଏମ୍ଏମ୍ ଏଫ୍୬.୩ ଜିଏମ୍ ଓଏସ୍ଏସ୍‌କୁ ଉନ୍ମୋଚନ କରାଯାଇଛି। ଉଭୟ ଲେନ୍ସ ନିଜ ନିଜ ବର୍ଗରେ ବିଶ୍ୱର ସବୁଠୁ ପତଳା। ଏଫ୍‌ଇ ୪୦୦ ଏମ୍ଏମ୍ ଏଫ୍୪.୫ ଜିଏମ୍ ଓଏସଏସ୍ ଲେନ୍ସର ଓଜନ ହେଉଛି ୯୯୪ ଗ୍ରାମ ଓ ଏଫ୍‌ଇ ୬୦୦ ଏମ୍ଏମ୍ ଏଫ୍୬.୩ ଜିଏମ୍ ଓଏସ୍ଏସ୍‌ର ଓଜନ ହେଉଛି ୯୯୫ ଗ୍ରାମ। ହାଲୁକା ହୋଇଥିବାରୁ ଏହାକୁ ବିଭିନ୍ନ ପ୍ରକାର ପରିବେଶରେ ଉନ୍ନତ ଫଟୋଗ୍ରାଫି ପାଇଁ ସହଜରେ ବ୍ୟବହାର କରାଯାଇପାରିବ। ଏହାର ଓଜନକୁ ବେଶ ସନ୍ତୁଳିତ ରଖାଯାଇଛି ଯାହା ଫଳରେ ହାତରେ ସୁଟିଂ ବେଳେ ସହଜରେ ପରିଚାଳନା କରାଯାଇପାରିବ। ଫଳରେ ପକ୍ଷୀ, ବନ୍ୟଜନ୍ତୁ ଓ କ୍ରୀଡ଼ା କାର୍ଯ୍ୟକ୍ରମକୁ ଉତ୍ତୋଳନ କରିବା ପାଇଁ ଏହା କ୍ୟାମେରାକୁ ବେଶ ଉପଯୁକ୍ତ କରିପାରିଛି। ଜି ମାଷ୍ଟର ସିରିଜ୍ ଯେଉଁ ଉଲ୍ଲେଖନୀୟ ରିଜଲ୍ୟୁସନ ଓ ସୁନ୍ଦର ବୁକେ ପାଇଁ ପରିଚିତ ତାହା ଏହି ଲେନ୍ସ ପ୍ରଦାନ କରିପାରୁଛି। ଏହା ଜରିଆରେ ଫଟୋଗ୍ରାଫରମାନେ ଦୂରରେ ଥିବା ଜିନିଷକୁ ନିକିନିଖି ଭାବେ ଉତ୍ତୋଳନ କରିପାରିବେ। ଦ୍ରୁତ ବେଗରେ ଗତି କରୁଥିବା ବିଷୟକୁ ମଧ୍ୟ ଏହା ଭଲ ଭାବେ ଉତ୍ତୋଳନ କରିପାରିବ। ସୋନି ଇଣ୍ଡିଆର ଇମେଜିଂ ଓ ପ୍ରଫେସନାଲ ସଲ୍ୟୁସନ୍ସ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ, "ଫଟୋଗ୍ରାଫରମାନଙ୍କ ଆବଶ୍ୟକତାକୁ ବୁଝିପାରି ସୋନି ସର୍ବଦା ଇମେଜିଂ ପ୍ରଯୁକ୍ତିର ପରିସୀମାକୁ ଆଗକୁ ବଢ଼ାଇବାକୁ ପ୍ରତିବଦ୍ଧ ରହିଛି। ଲମ୍ବା ଟେଲିଫଟୋକୁ ହାଲୁକା ମାଧ୍ୟମରେ ଉପଲବ୍ଧ କରାଇ ନୂଆ ଏଫ୍‌ଇ ୪୦୦ ଏମ୍ଏମ୍ ଏଫ୍ ୪.୫ ଜିଏମ୍ ଓଏସ୍ଏସ୍ ଓ ଏଫ୍‌ଇ ୬୦୦ ଏମ୍ଏମ୍ ଏଫ୍୬.୩ ଜିଏମ୍ ଓଏସ୍ଏସ୍ ଜରିଆରେ ଆମେ ତାହାକୁ ଆଉ କିଛି ପାହାଚ ଆଗକୁ ବଢ଼ାଇଛୁ। ଏକ କେଜିରୁ କମ୍ ଓଜନରେ ଏହି ଲେନ୍ସଗୁଡ଼ିକ ୪୦୦ ଏମ୍ଏମ୍ ଓ ୬୦୦ ଏମ୍ଏମ୍ ଫୋକାଲ୍ ଲମ୍ବକୁ ଏଭଳି ଉପାୟରେ ଆଣିଛି ଯାହାକୁ ଫଟୋଗ୍ରାଫରମାନେ ପ୍ରକୃତରେ ବ୍ୟବହାର, ପରିଚାଳନା କରିବା ସହ କ୍ଷେତ୍ରରେ ସୁଟିଂ କରିପାରିବେ। ବନ୍ୟଜନ୍ତୁ, ପକ୍ଷୀ ଓ କ୍ରୀଡ଼ା ଫଟୋଗ୍ରାଫରମାନଙ୍କ ପାଇଁ ଏହା ସେମାନେ କିଭଳି ଆଭିମୁଖ୍ୟ କଣ ରହିଛି ଓ କଣ ସୁଟିଂ କରିବାକୁ ଚାହୁଁଛନ୍ତି ସେଥିରେ ବାସ୍ତବ ପରିବର୍ତ୍ତନ ଆଣିପାରିବ।

## ଶ୍ୟାମ୍ ମେଟାଲିକ୍ସ ଫାଉଣ୍ଡେସନ ପକ୍ଷରୁ ଜାମୁରିଆରେ ୫ ନୂଆ ଆମ୍ବୁଲାନ୍ସ ସହ ଜରୁରୀକାଳୀନ ମେଡିକାଲ୍ ସେବାରେ ଉନ୍ନତି

**ଭୁବନେଶ୍ୱର, ୨।୧୦ (ନି.ପ୍ର)** : ଶ୍ୟାମ ମେଟାଲିକ୍ସ ଆଣ୍ଡ୍ ଏନର୍ଜି ଲିମିଟେଡ୍‌ର ସିଏସ୍ଆର୍ ଶାଖା ପକ୍ଷରୁ ଜରୁରୀକାଳୀନ ମେଡିକାଲ୍ ସେବାରେ ଉନ୍ନତି ଆଣିବା ପାଇଁ ଜାମୁରିଆ ଅଂଚଳରେ ପାଂଚଟି ଆମ୍ବୁଲାନ୍ସର ଶୁଭାରମ୍ଭ କରାଯାଇଛି। ଜାମୁରିଆର ବିଜନ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସଗୁଡ଼ିକୁ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଆସାନସୋଲ-ଦୁର୍ଗାପୁର ପୁଲିସ କମିସନର ପ୍ରଣବ କୁମାର, ପଶ୍ଚିମ ବର୍ଦ୍ଧନର ଜିଲ୍ଲା ମାଜିଷ୍ଟ୍ରେଟ ଆଇଏଏସ ଏସ ପୁନାବାଲମ, ବିଧାୟକ ଡକ୍ଟର ବିଜନ ମୁଖାର୍ଜୀ, ଶ୍ୟାମ ମେଟାଲିକ୍ସର କର୍ପୋରେଟ୍ ସେବାର ନିର୍ଦ୍ଦେଶକ ସୁମିତ ଚକ୍ରବର୍ତୀ, ଶ୍ୟାମ ମେଟାଲିକ୍ସର ପ୍ଲାଂଟ୍ ମ୍ୟାନେଜର ସୂର୍ଯ୍ୟ କୁମାର ମାଇତି ଉପସ୍ଥିତ ଥିଲେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଗ୍ରାମାଚଂଳ ଓ ଶିଳ୍ପାଚଂଳ ବାସିନ୍ଦାଙ୍କ ପାଇଁ ଜରୁରୀକାଳୀନ ପଦକ୍ଷେପରେ ଉନ୍ନତି ଆଣିବା ଯେଉଁଠାରେ ସମୟୋପଯୋଗୀ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱପୂର୍ଣ୍ଣ ହୋଇରହିଛି। ସ୍ଥାନୀୟ



ପୁଲିସ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଏହି ପାଂଚଟି ଆମ୍ବୁଲାନ୍ସକୁ ପାଂଚଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରଖାଯିବ। ଜାମୁରିଆରେ ଶ୍ୟାମ ମେଟାଲିକ୍ସ ଫାଉଣ୍ଡେସନର ଗୋଷ୍ଠୀ ବିକାଶ ଉଦ୍ୟମର ଏହା ଏକ ଅଂଶ ଯେଉଁଥିରେ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଓ ଅତ୍ୟାବଶ୍ୟକ ସେବାକୁ ଗୋଷ୍ଠୀ ପାଖରେ ପହଂଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଅବସରରେ ଜାମୁରିଆ ବିଧାୟକ ଡକ୍ଟର ବିଜନ ମୁଖାର୍ଜୀ ଏହି ଅଂଚଳରେ ଜରୁରୀକାଳୀନ ମେଡିକାଲ୍ ସେବା ସୁଦୃଢ଼ ହେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଶାସନ, ଶିଳ୍ପ ଓ ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗିତା ସ୍ଥାନୀୟ ମେଡିକାଲ୍ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଗୋଷ୍ଠୀ ଆଧାରିତ ସିଏସ୍ଆର୍ କାର୍ଯ୍ୟକ୍ରମ ଲାଗୁ କରିବାରେ ପ୍ରଶାସନ ଓ ଶିଳ୍ପ ମଧ୍ୟରେ ସହଯୋଗିତା ଉପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଗୁରୁତ୍ୱାରୋପ କରିଥିଲେ। ଏଭଳି ସହଯୋଗିତା ସ୍ଥାନୀୟ ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ କର୍ପୋରେଟ୍ ସମ୍ବଳକୁ ସେଭଳି ପ୍ରକଳ୍ପ ଆଡ଼କୁ ନେବାରେ ସହାୟକ ହେବ ଯାହା ଦ୍ୱାରା ଲୋକମାନେ ସିଧାସଳଖ ଉପକୃତ ହେବ ବୋଲି ସେ କହିଥିଲେ।

## ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ବାବଦରେ ସଚେତନ କରିବ 'ସୋଲାର ରଥ'

**ଫୁଲବାଣୀ,୨।୧୦ (ନି.ପ୍ର) :** ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ, ମାସବ୍ୟାପୀ 'ସେବା ସେତୁ ଅଭିଯାନ' ଅଧୀନରେ କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ୍) ପକ୍ଷରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଏବଂ ସୌର ଶକ୍ତି ଆପଣାଇବା ଦିଗରେ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀ ବେଦଭୂଷଣ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳ ଏବଂ ଶ୍ରୀ ଅମିତ କୁମାର ଗର୍ଗ , ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ଉପସ୍ଥିତିରେ ମିଳିତ ଭାବେ ପତାକା ଦେଖାଇ 'ସୋଲାର ରଥ'ର ଶୁଭାରମ୍ଭ ହୋଇଛି। 'ସୋଲାର ରଥ' କନ୍ଧମାଳ ଜିଲ୍ଲାର ସମସ୍ତ ୧୨ଟି ବ୍ଲକ୍—ବାଲିଗୁଡ଼ା, ଚକାପାଦ, ଦାରିଙ୍ଗବାଡ଼ି, ଜି. ଉଦୟଗିରି, କେ. ନୂଆଗାଁ, ଖଜୁରୀପଡ଼ା, କୋଟଗଡ଼, ଫିରିଙ୍ଗିଆ, ଫୁଲବାଣୀ, ରାଇକିଆ, ଟିକାବାଲି ଏବଂ ତୁମୁଡ଼ିବନ୍ଧ—ପରିକ୍ରମା କରିବ। ଏହା ମାଧ୍ୟମରେ ଗାଁ, ଗ୍ରାମ ପଞ୍ଚାୟତ, ସ୍ଥାନୀୟ ହାଟ, ବଜାର ଏବଂ ଜନସମାଗମ ସ୍ଥଳରେ ସିଧାସଳଖ ଭାବେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ସମ୍ପର୍କିତ ସୂଚନା ପ୍ରଦାନ କରାଯିବ। ଏଥିସହ ସହର ଓ ଅର୍ଦ୍ଧ-ସହରାଞ୍ଚଳରେ ମଧ୍ୟ ଉପଭୋକ୍ତାଙ୍କ ନିକଟରେ ଏହି ସୂଚନା ପହଞ୍ଚାଯିବ। ଅଡିଓ ଜିଙ୍ଗଲ୍, ସୂଚନାମୂଳକ ପ୍ରଚାରପତ୍ର ଏବଂ ଆଇଇସି ସାମଗ୍ରୀ ମାଧ୍ୟମରେ 'ସୋଲାର ରଥ' ପକ୍ଷରୁ ପିଏମ୍ ସୂର୍ଯ୍ୟ ଘର ଯୋଜନା ସମ୍ପର୍କିତ ପ୍ରମୁଖ ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଯିବ। ଏଥିରେ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନର ଲାଭ, ଯୋଗ୍ୟତା, ଆବେଦନ ପ୍ରକ୍ରିୟା, ସରକାରୀ ସବସିଡି ଏବଂ ଉପଲବ୍ଧ



ଆର୍ଥିକ ସହାୟତା ସମ୍ପର୍କରେ ସୂଚନା ଦିଆଯିବ। ଏହା ସହିତ ଟିପିଏସ୍ଓଡିଏଲ୍ ?ର ଟିମ୍ ଉପଭୋକ୍ତାଙ୍କ ସହ ସିଧାସଳଖ ଆଲୋଚନା କରିବା, ସେମାନଙ୍କ ପ୍ରଶ୍ନର ସମାଧାନ କରିବା ସହ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ ଓ ସୌର ଶକ୍ତି ଆପଣାଇବା ପ୍ରକ୍ରିୟାକୁ ଅଧିକ ସହଜରେ ବୁଝିବାରେ ସହାୟତା କରିବ। ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, "ସୋଲାର ରଥ ମାଧ୍ୟମରେ କନ୍ଧମାଳର ବିଭିନ୍ନ ଅଞ୍ଚଳର ଉପଭୋକ୍ତା ଓ ସମୁଦାୟଙ୍କ ନିକଟରେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନର ବାର୍ତ୍ତା ପହଞ୍ଚାଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ସମ୍ପର୍କିତ ସୂଚନାକୁ ସରଳ ଭାବେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କ ପ୍ରଶ୍ନର ସମାଧାନ କରିବା ଏବଂ ଅଧିକରୁ ଅଧିକ ପରିବାରକୁ ସୌର ଶକ୍ତିର ଲାଭ ବିଷୟରେ ଜାଣିବାକୁ ଉତ୍ସାହିତ କରିବା ଆମର ଲକ୍ଷ୍ୟ। ବିଶେଷକରି ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳର ଉପଭୋକ୍ତାଙ୍କ ନିକଟରେ ସୂଚନା ପହଞ୍ଚାଇବା ଏହି ପଦକ୍ଷେପର ଏକ ପ୍ରମୁଖ ଉଦ୍ଦେଶ୍ୟ। ସ୍ୱଚ୍ଛ ଶକ୍ତିକୁ ଅଧିକ ସୁଗମ କରିବା ସହିତ ଦକ୍ଷିଣ ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାରେ ଉପଭୋକ୍ତାମାନଙ୍କୁ ସକ୍ରିୟ ଭାବେ ସାମିଲ କରିବା ଆମର ଉଦ୍ଦେଶ୍ୟ।" 'ସୋଲାର ରଥ' ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନକୁ ପ୍ରୋତ୍ସାହିତ କରିବା ଦିଗରେ ଟିପିଏସ୍ଓଡିଏଲ୍ ?ର ବ୍ୟାପକ ଆଇଇସି ଏବଂ ଉପଭୋକ୍ତା ସଚେତନତା ପ୍ରୟାସର ଏକ ଅଂଶ। ସୂଚନାର ଅଭାବକୁ ଦୂର କରିବା ସହ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରିବାକୁ ଆଗ୍ରହୀ ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଡିସକମ୍ ପକ୍ଷରୁ ସମୁଦାୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତସ୍ତରୀୟ ଯୋଗାଯୋଗ ଏବଂ ଉପଭୋକ୍ତାଙ୍କ ସହ ସିଧାସଳଖ ଆଲୋଚନା କରାଯାଉଛି। ମାସବ୍ୟାପୀ 'ସେବା ସେତୁ ଅଭିଯାନ' ମାଧ୍ୟମରେ ସରକାରୀ ଯୋଜନା ଓ ସେବା ସମ୍ପର୍କିତ ସୂଚନାକୁ ତୃଣମୂଳସ୍ତରରେ ନାଗରିକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ମଞ୍ଚ ପ୍ରଦାନ କରାଯାଉଛି।



## କାକଟପୁର ପୋଲିସ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ

# ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ

**କାକଟପୁର,୨/୧୦ (ନି.ପ୍ର):** ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କାକଟପୁର ଥାନା ପରିସରରେ କାକଟପୁର ପୋଲିସ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିର ଉତ୍ସାହ ଓ ମାନବିକତାର ପରିବେଶ ମଧ୍ୟରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ପ୍ରତି ସାଧାରଣରେ ସଚେତନତା ସୃଷ୍ଟି ସହ 'ମାନବ ସେବା ହିଁ ମାଧବ ସେବା'ର ବାର୍ତ୍ତା ପ୍ରସାରିତ ହୋଇଛି।

ଶିବିରକୁ ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂହ ଉଦଘାଟନ କରିଥିବାବେଳେ ଅତିରିକ୍ତ ଏସ୍‌ପି ଶ୍ରୀ ସଚିନ ପଟେଲ ଏବଂ ନିମାପଡ଼ା ଏସ୍‌ଡିପିଓ ଶ୍ରୀ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏଭଳି ମାନବିକ ପଦକ୍ଷେପ ପାଇଁ



କାକଟପୁର ପୋଲିସର ପ୍ରୟାସକୁ ପ୍ରଶଂସା କରିଥିଲେ। କାକଟପୁର ଥାନା ଆଇଆଇସି ଶ୍ରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱ ଓ ସୁଚାରୁ ସମନ୍ୱୟରେ ଶିବିରଟି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଆଇଆଇସି ଶ୍ରୀ ସାହୁ ନିଜେ ରକ୍ତଦାନ କରି ରକ୍ତଦାନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିବା ସହ 'ପୁଲିସ ଫର ପିପୁଲ'ର ମାନବିକ ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲେ। ଏହି ଅବସରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା, କାକଟପୁର ପୋଲିସର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କୁ ପୋଲିସ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି। ଗାନ୍ଧୀଜୀଙ୍କ ଅହିଂସା, ସେବା ଓ ମାନବିକତାର ଆଦର୍ଶକୁ ସ୍ମରଣ କରି ଆୟୋଜିତ ଏହି ରକ୍ତଦାନ ଶିବିର ସମାଜ ପ୍ରତି ପୋଲିସର ଦାୟିତ୍ୱବୋଧ ଓ ମାନବିକ ଚିନ୍ତାଧାରାର ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଛି।

# ପାରାଦୀପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାରାଦୀପ,୨/୯ (ନି.ପ୍ର):** ବିଜୁ ଜନତା ଦଳ (ବିଜେଡି) ର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ପାରାଦୀପ ବିଜେଡି ପକ୍ଷରୁ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗାନ୍ଧୀ ଜୟନ୍ତୀରେ ଅଠରବାଙ୍କି ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ୩ ନମ୍ବର ୱାର୍ଡ ଲକପଡା ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେପରେ ଅଠରବାଙ୍କି ଠାରୁ ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ଏଡିଏମ ଅଫିସ ସମ୍ମୁଖରେ ଥିବା ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ




କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପାରାଦ୍ୱୀପ ବନ୍ଦର ପ୍ରତି ବିଜୁବାବୁ ଙ୍କ ଅବଦାନ ତଥା ରାଜ୍ୟବାସୀ ଙ୍କ ପାଇଁ ଅକୁଣ୍ଠ ଚିତ୍ତରେ ନିଜକୁ ସମର୍ପଣ କରି ରଚିଛନ୍ତି ସ୍ୱତନ୍ତ୍ର ପରିଚୟ। ସେହି ପରି ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଙ୍କ ସୁଶାସନ ଆଉ ବିଚାରଧାରା ବିଷୟରେ ଜନସାଧାରଣ ମାନଙ୍କୁ ଅବଗତ କରାଯିବା ସହ ବର୍ତ୍ତମାନ ର ବିଜେପି ସରକାର ର ଜନସ୍ୱାର୍ଥ ବିରୋଧୀ ନୀତି ଓ ନିର୍ବାଚନ ସମୟରେ ଦେଇଥିବା ମିଥ୍ୟା ପ୍ରତିଶୃତି କୁ କଡ଼ା ଭାଷାରେ ସମାଲୋଚନା କରାଯିବା ସହିତ ବିଜୁ ଜନତା ଦଳକୁ ପୁନର୍ବାର କ୍ଷମତାସିନ କରିବା ନିମନ୍ତେ ଦଳୀୟ କର୍ମୀ ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ନଗର ସଭାପତି କୁମରବର ନାୟକ ଓ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଦୃଢ଼ ନେତୃତ୍ୱ ପ୍ରତି କର୍ମୀ ମାନଙ୍କ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା। ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ପାରାଦୀପ ନଗର ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଇଂ.ଚିନ୍ମୟ କୁମାର ପରିଡା (ମଣ୍ଟୁ), ପୂର୍ବତନ ପାରିଷଦ ଚିତ୍ତ ରଞ୍ଜନ ରାଉତରାୟ (ମିଟୁ), ଜଗନ୍ନାଥ ରାଓ, ଯୁବ ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ ଅଜିତ କୁମାର ଷଡଙ୍ଗୀ, ନବକୁମାର ବେହେରା, ସୁଶାନ୍ତ ଦାସ, କବିତା ସାହୁ, ସ୍ୱପ୍ନାରାଣୀ ଜେନା, ପ୍ରଭାତୀ ସରୋଜିନୀ ସାହୁ, ଗୁନୁ ପରିଡା, ଯୁବନେତା ରଶ୍ମି ରଞ୍ଜନ ପରିଡା, ନାରୀନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ରେଖା ପରିଜା, ଲିତା ବିଶ୍ୱାଳ, ଭାରତୀ ସାମନ୍ତରାୟ, ପ୍ରମିଳା ସାସମଲ ଙ୍କ ସମେତ ସମସ୍ତ ୧୯ ଟି ୱାର୍ଡର ଆଗଧାଡିର କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତି ମାନେ ସାମିଲ ହୋଇ ବିଜୁବାବୁ ଏବଂ ନବୀନ ବାବୁ ଙ୍କ ଗୁଣ ଗାନ କରିବାସହ ଦେଶକୁ ଯେମିତି ଶନିଶପ୍ତା ଗ୍ରାସୀ ଗଲାଣି ବୋଲି ଆଖି କାନ ବନ୍ଦ କରି ବିଜେପି ସରକାର ଉପରେ ଅତର୍କିତ ବର୍ଷି ଥିଲେ।

## ବେରବୋଇ ଗାନ୍ଧୀ ପୀଠରେ ଗାନ୍ଧୀ ଜୟନ୍ତୀ ପାଳିତ



**ଡେଲାଙ୍ଗ,୨।୧୦ (ନି.ପ୍ର):** ଅକ୍ଟୋବର ୨ତାରିଖ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଐତିହାସିକ ବେରବୋଇ ଗାନ୍ଧୀ ସ୍ମୃତିପୀଠ ପରିସରରେ ବିଭିନ୍ନ ରାଜନୈତିକ ଦଳର ରାଜନେତା ଓ ତାଙ୍କ ସମର୍ଥକ, ଗାନ୍ଧିବାଦୀ, ବୁଦ୍ଧିଜୀବୀ ତଥା ଗାନ୍ଧୀପ୍ରେମୀ ମାନେ ପହଂଚି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଥମେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ତାଙ୍କ ସମର୍ଥକ ଙ୍କ ଗହଣରେ ସକାଳେ ପହଂଚି ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପିପିଲି ଡେଲାଙ୍ଗ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ, ନିର୍ମଳ ପରିଡା, ପ୍ରଦ୍ୟୁମ୍ନ ପରିଡା, ଗୁଣନିଧି ପ୍ରଧାନ ଙ୍କ ସମେତ ସମର୍ଥକମାନେ ପହଂଚି ଗାନ୍ଧୀଙ୍କୁ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବୈରାଗୀ ଜେନା,ପ୍ରସନ୍ନ ସାହୁ ଧରଣୀଧର ସାହୁ, ବାସନ୍ତୀ ସାହୁ, ବିପନ ପଟ୍ଟନାୟକ, ଦୁଷ୍ମନ୍ତ ପାଟଶାଣି, ଦେବରାଜ ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ପହଂଚି ପ୍ରତିମୃତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀ ମହାରଥୀ ଗାନ୍ଧୀ ପୀଠ ର ବିକାଶ ନହୋଇ ପରିତ୍ୟକ୍ତ ଅବସ୍ଥା ରେ ପଡି ରହିଥିବା ରୁ କ୍ଷୋଭ ପ୍ରକାଶ କରିବା ସହ ଭିତିଭୂମି ର ବିକାଶ ପାଇଁ ଆନ୍ଦୋଳନ କୁ ଓଲହାଇବେ ବୋଲି ଚେତାବନୀ ଦେଇଥିଲେ।ସିପିଆଇଏମ (ଏଲ)ନେତା ଅଶୋକ ପ୍ରଧାନ ଙ୍କ ସମେତ ସେମାନଙ୍କ ସମର୍ଥକ ମାନେ ଗାନ୍ଧୀ ସ୍ମୃତିପୀଠ ର ବିକାଶ କାର୍ଯ୍ୟକୁ ଯଥା ଶୀଘ୍ର ତ୍ୱରାନ୍ୱିତ କରିବାକୁ ଦାବୀ କରିଛନ୍ତି। ଦୀର୍ଘଦିନ ଧରି ସ୍ମୃତି ପୀଠରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି କୁ ଏକ ଅସ୍ଥାୟୀ ପିଣ୍ଡିରେ ରଖା ଯାଇଥିବା ରୁ ଗାନ୍ଧୀପ୍ରେମୀ ଙ୍କ ମଧ୍ୟରେ ଗଭୀର କ୍ଷୋଭ ପ୍ରକାଶ ପାଇଛି। ଏହି ଅବସରରେ ଗାନ୍ଧୀ ସ୍ମାରକୀ ସମିତି ର ସଭାପତି କୁନ୍ତଳା କୁମାରୀ ବିଶ୍ୱାଳ ଙ୍କ ନେତୃତ୍ୱ ରେ ସମିତିର କର୍ମକର୍ତ୍ତା, କସ୍ତୁରବା ଟ୍ରଷ୍ଟ ର କର୍ମଚାରୀଙ୍କ ସମେତ ବାଲବାଡି ର କୁନିକୁନି ପିଲାମାନଙ୍କ ଗହଣରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ରେ ସୂତ୍ରମାଳ ଓ ପୁଷ୍ପଗୁଚ୍ଛ ଅର୍ପଣ କରିବା ସହ ଧୂପ, ଦ୍ୱୀପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ କସ୍ତୁରବା ଗ୍ରାମ ସେବାକେନ୍ଦ୍ର ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟଙ୍କ ପ୍ରସ୍ତାବ କ୍ରମେ ଗାନ୍ଧିଜୀ ଧରିଥିବା ବାଉଁଶ ବାଡ଼ିଟି ଏହି ବେରବୋଇ ରୁ ନେଇଥିବା ବେଳେ ଏହାର ସ୍ମାରକୀ ସ୍ୱରୂପ ସ୍ମୃତିପୀଠ ପରିସରରେ ଏକ ବାଉଁଶ ବୁଦା ରୋପଣ ସହ ସଂରକ୍ଷିତ କରି ରଖିବାକୁ ପ୍ରସ୍ତାବ ଦେଇଥିଲେ। ସ୍ମାରକୀ ସମିତିର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ସଭା ସଂଯୋଜନା କରିଥିଲେ।

## ରାଲି ମାଧ୍ୟମରେ ପରିବେଶ ସ୍ୱଚ୍ଛତା ସଚେତନତା ବାର୍ତ୍ତା ଦେଲା ଇଫ୍‌କୋ

# ପରିବେଶ ସୁରକ୍ଷା ଜୀବନ ରକ୍ଷା : ବିଜୟ ପରିଡା

**ପାରାଦୀପ, ୨।୧୦ (ନି.ପ୍ର):** ବିଗିଡି ଚାଲୁଥିବା ପରିବେଶ ପ୍ରତି ସମସ୍ତେ ସଚେତନତା ରହିବାକୁ ଆହ୍ୱାନ ଦେଲେ ଇଫକୋ ଡ଼ିଏଭି ସ୍କୁଲର ଛାତ୍ର ଛାତ୍ରୀ। ଗତ ୩୦ ତାରିଖରେ ଆୟୋଜିତ ହୋଇଥିବା ସ୍ୱଛତା ପଖୱାଡା ପାଳନ ଅବସରରେ ଇଫକୋ ଡ଼ିଏଭି ପବ୍ଲିକ ସ୍କୁଲ ପକ୍ଷରୁ ଇଫକୋ ଟାଉନସିପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସମେତ ଇଫକୋର ଅଧିକାରୀ ମାନେ ସାମିଲ ହୋଇ ସ୍ୱଛତା ଉପରେ ନିଜ ନିଜ ମତ ରଖିଥିଲେ। ସ୍ୱଛତା ଓ ପରିବେଶ ସଚେତନତା ବାର୍ତ୍ତା ଲେଖା ଥିବା ପ୍ଲାକାର୍ଡ ହାତରେ ଧରି ଛାତ୍ର ଛାତ୍ରୀ ମାନେ ଇଫକୋ ଟାଉନସିପ ପରିସରରେ ଏକ ବିଶାଳ ରାଲି କରିଥିଲେ। ଇଫକୋ ଟାଉନସିପ ରେ ରହୁଥିବା କର୍ମଚାରୀ ତଥା ସେମାନଙ୍କ ପରିବାର ମଧ୍ୟରେ ପରିବେଶ



ପ୍ରତି ସଚେତନତା ବାର୍ତ୍ତା ଦେବାସହ ସ୍ୱଛତା ପ୍ରତି ସମସ୍ତେ ଯତ୍ନବାନ ରହିବାକୁ କହିଥିଲେ। ଇଫକୋର ବରିଷ୍ଠ ଅଧିକାରୀ ଜୟନ୍ତ କୁମର ଜେନା ଉକ୍ତ ରାଲି କୁ ପତାକା ଦେଖାଇ ଶୁଭଉଦଘାଟନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରି କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ। ସ୍କୁଲର ଅଧକ୍ଷ ସମ୍ପିତ ସୁକୁମାର ଚିନାରା ଙ୍କ ସମେତ ଶିକ୍ଷକ ସୌର ମୋହନ ସାମଲ, ବାଗ୍ମୀ ମାନସରଞ୍ଜନ ପାଢ଼ୀ, ସୁଜିତ ସାହୁ, ଅନାଦି ଚରଣ ସାହୁ, ବିଜୟଲକ୍ଷ୍ମୀ ନାୟକ, ଅନୁରାଧା ପାଢ଼ୀ ପ୍ରମୁଖ ପିଉପସ୍ଥିତ ଥିଲେ। ଉକ୍ତ ରାଲି ସ୍କୁଲ ପରିସରରୁ ବାହାରି ଟାଉନସିପ ପରିକ୍ରମା କରିବା ସହିତ ଇଫକୋର ପ୍ରଶାସନିକ ଭବନ, ମେଡିକାଲ ପରିସର ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ସ୍ୱଛତା ବଜାଇ ରଖି ପରିବେଶ ପ୍ରତି ଯତ୍ନବାନ ରହିବାକୁ ଛାତ୍ର ଛାତ୍ରୀ ମାନେ ବାର୍ତ୍ତା ଦେଇଥିଲେ। ଇଫକୋ ର ଡିଜିଏମ (ପି ଆଣ୍ଡ ଏ )ବିଜୟ କୁମାର ପରିଡା ଏହି ରାଲିରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବାସହ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସଚେତନତା ଦିଗରେ ଏଇଭଳି ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିବାସହ ଛାତ୍ର ଛାତ୍ରୀ ମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ। ଏପରିକି ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେବାସହ, ପରିବେଶ ସୁରକ୍ଷା ଜୀବନ ରକ୍ଷା ବୋଲି ବାର୍ତ୍ତା ଦେଇଥିଲେ। ଏହି ଅବସରରେ ତିନୋଟି ଗ୍ରୁପରେ ତୃତୀୟ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ବିଭକ୍ତ କରି ମଧ୍ୟରେ ପରିବେଶ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜଳ ସଂରକ୍ଷଣ, ପ୍ରକୃତି ସୁରକ୍ଷା ଓ ପରିବେଶ ପ୍ରତି କିପରି ଯତ୍ନବାନ ରହିବେ ଦୈନନ୍ଦିନ ଜୀବନରେ କିପରି ଆପଣେଇବେ ପ୍ରେରଣା ଦିଆଯାଇ ଥିଲା। ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଶ୍ରୀ ପରିଡା ପୁରସ୍କୃତ କରିଥିଲେ।

## ଯୋଡ଼ା ଜାଟୁଆ ନିର୍ବାଚନୀ ରଣଙ୍ଗନା ସରଗରମ

# ଯୋଡ଼ା ଟ୍ରକ ମାଲିକସଂଘ ନିର୍ବାଚନ ପାଇଁ ନୋମିନେସନ ଦାଖଲ



**ଯୋଡ଼ା, ୨।୧୦ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା ରେ ଥିବା ଯୋଡ଼ା ଟ୍ରକମାଲିକ ସଂଘ ର ଦୀର୍ଘ ଦିନ ର ପ୍ରତୀକ୍ଷା ଅନ୍ତ ପରେ ଆସନ୍ତା ତା ୧୨/୧୦ରିଖ ରେ ଥିବା ନୂତନ କାର୍ଯ୍ୟ କାରିଣୀ କମିଟି ନିର୍ବାଚନ ନିମନ୍ତେ ଗୁରୁବାର ଓ ଶୁକ୍ରବାର ଆଶାଇ ପ୍ରାର୍ଥୀ ମାନେ ନିଜର ନାମ ତାଲିକା ଦାଖଲ କରିଥିଲେ।ପ୍ରଥମ ପକ୍ଷରୁ ସଭାପତି ପ୍ରାର୍ଥୀ ମାତା ପ୍ରସାଦ ଜୟଶୁଆଲ, ସମ୍ପାଦକ ସୁଶାନ୍ତ କୁମାର ବାରିକ, ଉପସଭାପତି ବିଜୁ ଅପାଟ, ଯୁଗ୍ମ ସମ୍ପାଦକ ଅଶୋକ କୁମାର କାରୁଆ ଓ କୋଷାଧକ୍ଷ ଲକ୍ଷଣ ବାରିକ ମଙ୍ଗଳା ମନ୍ଦିର ରୁ ପୂଜା କରି ତାଙ୍କ ସପକ୍ଷ ବାଦୀ ମାନଙ୍କ ସହ ଯାଇ ନୋମିନେସନ ଦାଖଲ କରିଥିଲେ। ଶୁକ୍ରବାର ଦିନ ଦିନ ୧୨ଟା ସମୟ ରେ ଲକ୍ଷ୍ମୀ. ମନ୍ଦିର ରୁ ପୂଜା ଅର୍ଚ୍ଚନା କରି ଚମ୍ପୁଆ ବିଧାୟକ ମୋନାନୀତ ପ୍ରାର୍ଥୀ ତେବେ ସଭାପତି ଭାବେ ରାଜେଶ ରୋଶନ ଉପସଭାପତି ଦିପକ କୁମାର ମହାନ୍ତ. ସମ୍ପାଦକ ରବିନାରାୟଣ ଦାସ. ଯୁଗ୍ମ ସମ୍ପାଦକ ମହେଶ କୁମାର ସିଂ.. କୋଷାଧକ୍ଷ ଗୌତମ ବେହେରା ଓ ବହୁ ସମର୍ଥନ କାରୀ ଙ୍କ ସହ ବାଜା. ରୋଷଣୀ ଓ ନାଚ କରି ନାମାଙ୍କନ ଦାଖଲ କରିଥିଲେ ଓ ସ୍ୱାଧୀନ ଭାବେ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ମାୟା ପାତ୍ର. କୋଷାଧକ୍ଷ ପ୍ରାର୍ଥୀ ସୁଧୀର କୁମାର ତିରିୟା ପ୍ରାର୍ଥୀ ପତ୍ର ଦାଖଲକରିଥିବାର ଦେଖିବାକୁ ମିଳିଥିଲା ତେବେ ଏହି ଅବସରରେ କେତକ ଗାଡି ମାଲିକ ଗଣ ମାଧ୍ୟମକୁ କହିଛନ୍ତି ଯେ ଆମେ ୩./୪ଗାଡି ର ମାଲିକ ଥିଲୁ କିନ୍ତୁ ବର୍ତ୍ତମାନକାହା ପାଖରେ ୧ଟା କିମ୍ବା ୨ଟା ଗାଡି ଥିବା ବେଳେ କେହି କେହି ଗାଡି ବିକି ସାରିଲେଣି ତେଣୁ ବର୍ତ୍ତମାନ ଆମେ ଦେଖିବୁ କିଏ ଗାଡି ମାଲିକ ମାନଙ୍କ ସ୍ୱାର୍ଥ କୁ ଦେଖିବ ସେହି ମାନଙ୍କୁ ସମର୍ଥନ କରିବୁ। ତେବେ ଦୁଇ ଦଳ ପକ୍ଷ ରୁ ଯୋଡ଼ା ଖଣି ମଣ୍ଡଳ ରେ ବୁଲି ସମସ୍ତେ ସଦସ୍ୟ ମାନଙ୍କୁ ନିଜ ଆଡକୁ ଟାଣି ବାକୁ ଜୋରଦାର ପ୍ରୟାସ ଜାରି ରହିଥିବାର ଦେଖିବାକୁ ମିଳୁଛି ତେବେ ସମୟ କହିବ କିଏ ବାଜିମାତ କରିବ.।

# ବନ୍ଦର ଉପାଧ୍ୟକ୍ଷଙ୍କ ଦ୍ୱାରା ସାଇ ନିର୍ମଳ ଝର ପ୍ରକଳ୍ପ ଉଦ୍‌ଘାଟିତ

**ପାରାଦ୍ୱୀପ, ୨।୧୦ (ନି.ପ୍ର):** ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ଅନୁଗ୍ରହରୁ ସାଇ ଜିଲ୍ଲା ଜଗତସିଂହପୁର ଆନୁକୂଲ୍ୟରେ ବାଲିଡିହା ଗ୍ରାମରେ ଆଜି ତା ୨. ୧୦ ରିଖ ଶୁକ୍ରବାର ଅପରାହ୍ନରେ 'ସାଇ ନିର୍ମଳ ଝର ପ୍ରକଳ୍ପ'କୁ ପାରାଦ୍ୱୀପ ପୋର୍ଟ ଅଥରିଟି ଉପାଧ୍ୟକ୍ଷ ଟି ବଣୁଗୋପାଳ ଶୁଭ ଉଦ୍‌ଘାଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ମୁନିସପାଲିଟି ଅଧକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସ୍ୱାଗତ କରିବାସହ ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ସି ଏସ୍ ଆର ମାଧ୍ୟମରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ଟ୍ରଷ୍ଟ ରାଜ୍ୟ ସଭାପତି ଡ଼ଃ ସତ୍ୟ ସ୍ୱରୂପ ପଟ୍ଟନାୟକ, ଆବାହକ




ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାଇ ଜଗତସିଂହପୁର ଜିଲ୍ଲାର ଜିଲ୍ଲା ସଭାପତି, ଜିଲ୍ଲା କର୍ମକର୍ତ୍ତା ଗ୍ରାମର ଭାଇଭଉଣୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥିମାନଙ୍କୁ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ, ଲଉଡ଼ି ଖେଳ, ମା'ମାଉସୀ ଙ୍କ ହୁଳହୁଳି ଓ ଭାଇମାନଙ୍କ ହରିବୋଲ ଶବ୍ଦରେ ମଞ୍ଚ ଉପରକୁ ପାଛୋଟି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ଗ୍ରାମବାସୀ ପ୍ରଶଂସା କରିବାସହ ସମସ୍ତେ ଏହାର ଯତ୍ନ ନେବାକୁ ସଂକଳ୍ପ କରିଥିଲେ। ଏଇଭଳି ମହତ ସାମାଜିକ କାର୍ଯ୍ୟକୁ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ କୃତଜ୍ଞତା ଜଣାଇ ଥିଲେ।

# ମଦ ବିକ୍ରିକୁ ବିରୋଧ କରିବାରୁ ଆକ୍ରମଣ : ୫ ଗିରଫ

**କବିସୂର୍ଯ୍ୟନଗର, ୨।୧୦ (ନି.ପ୍ର):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମରେ ବେଆଇନ ମଦ ବିକ୍ରିକୁ ବିରୋଧ କରିବାରୁ ତିନି ଜଣ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ୫ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ସୂଚନା ମିଳିଛି।ଘଟଣାକୁ ନେଇ ଆକ୍ରମଣର ଶିକାର ଯୁବକମାନେ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ପୁରୁଷୋତ୍ତମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ଗଙ୍ଗାପୁର ଗ୍ରାମକୁ ଯାଇ ପୀଡ଼ିତ ପରିବାର ସହ ଆଲୋଚନା କରିଥିଲେ।ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ଗଙ୍ଗାପୁରର ଦୀପକ ଗୌଡ଼ (୨୩), ଅମର ଗୌଡ଼ (୨୦), ଜଣେ ନାବାଳକ ଏବଂ ଆସିକା ଅଞ୍ଚଳର ଏ. ଜନ (୨୦) ଓ ସୂର୍ଯ୍ୟ ଘଡ଼େଇ



(୨୧)ଙ୍କୁ ଧରାଯାଇଛି।ପୋଲିସ ସୂଚନା ଅନୁସାରେ, ସମସ୍ତଙ୍କୁ କେସ୍ ନମ୍ବର ୬୮୪/୨୬ ରେ ଗିରଫ କରାଯାଇଛି। ନାବାଳକଙ୍କୁ ଛାଡ଼ି ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

**ପିପିଲି,୨।୧୦ (ନି.ପ୍ର):** ମହାନ ଜନନାୟକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ପିପିଲି ବ୍ଲକ କୁଳଶିଖର ପାଟଣାସ୍ଥିତ ଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦାଣ୍ଡମୁକୁନ୍ଦପୁର କ୍ଲଷ୍ଟର ସିଆରସିସି ସଂଯୁକ୍ତା ମହାପାତ୍ର ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନୀ, ଆଦର୍ଶ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଆଲୁମିନି ସଭାପତି ଲକ୍ଷ୍ମୀଧର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜନ୍ମେଶ୍ୱର ସାହୁ ଏବଂ ସରକାରୀ




ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶ ଓ ନୀତିକୁ ଜୀବନରେ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୁଳଶିଖର ପାଟଣା ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ହାତରେ 'ସ୍ୱଚ୍ଛ ଭାରତ ଅଭିଯାନ', 'ଗାନ୍ଧୀଜୀଙ୍କ ଆଦର୍ଶ' ଓ 'ଶାସ୍ତ୍ରୀଜୀଙ୍କ ମାର୍ଗଦର୍ଶନ' ସମ୍ବଳିତ ବିଭିନ୍ନ ସଚେତନତା ମୂଳକ ପ୍ଲା-କାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ସମୟରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଗାନ୍ଧୀଜୀଙ୍କ ସ୍ୱଚ୍ଛ ଭାରତର ବାର୍ତ୍ତା ନେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳିତ




**ନବରଙ୍ଗପୁର, ୨।୧୦ (ନି.ପ୍ର):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ନବରଙ୍ଗପୁର ସଦର ମହକୁମାଠାରେ ମହାଆଡମ୍ବର ସହକରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃକାଳୀନ ରାମଧୁନ ପରିବେଷଣ ପରେ ସହରରେ ଅବସ୍ଥିତ ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହାପରେ ସ୍ଥାନୀୟ ଆର୍.ସି.ଡି. ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ସଭାରେ ଅତିଥିମାନେ ମହାତ୍ମା ଗାନ୍ଧୀ ଓ ଲାଲ ବହାଦୁର ଶାସ୍ତ୍ରୀଙ୍କ ଜୀବନ, ଆଦର୍ଶ ଓ ଦେଶପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ୟ, ଅହିଂସା, ସରଳତା, ଶୃଙ୍ଖଳା, ଦେଶସେବା ଓ କର୍ତ୍ତବ୍ୟନିଷ୍ଠା ଭଳି ମୂଲ୍ୟବୋଧ ଆଜିର ସମାଜ ଓ ଯୁବପିଢ଼ି ପାଇଁ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ବୋଲି ବକ୍ତାମାନେ ମତ ପ୍ରକାଶ କରି ଆଜିର ଯୁବପିଢ଼ି ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୀବନାଦର୍ଶରୁ ପ୍ରେରଣା ନେଇ ସତ୍ୟନିଷ୍ଠା, ଶୃଙ୍ଖଳା ଓ ଦାୟିତ୍ୱବୋଧକୁ ନିଜ ଜୀବନର ଅଂଶ କରିବା ସହ ଦେଶ ଓ ସମାଜର ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଶ୍ୱଜିତ ବର୍ମନ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛାତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହ୍ଲାଦ ଖୋସଲା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଘାସିଆ ହରିଜନ, ଉତ୍କଳ ପରିଷଦର ସଭାପତି ଶ୍ରୀ ବିଜୟ ଚୌଧୁରୀ, ସମାଜସେବୀ ଶ୍ରୀମତୀ କିଶୋରୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**କଟକ, ୨।୧୦ (ନି.ପ୍ର):** ସ୍ଥାନୀୟ ଦରଘା ବଜାର, ହାତୀ ପୋଖରୀ ଛକ ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ଓ ଶାନ୍ତିର ଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସଙ୍କ ସଭାପତିତ୍ୱ କରିଥିଲେ।କୁନି କୁନି କୋମଳମତି ଶିଶୁ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ସଙ୍ଗୀତ, ଗଳ୍ପ, କବିତା, ପ୍ରବନ୍ଧ, ଜୀବନୀ,ର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଗୁରୁଜୀ/ଗୁରୁମାଙ୍କ ଠାରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଦେଶ ପାଇଁ ନିଜ ଜୀବନକୁ କିପରି ଉତ୍ସର୍ଗ କରିବା ସହିତ ସତ୍ୟ ଓ ଅହିଂସାକୁ ପାଥେୟ କରି ଗାନ୍ଧୀ ଦେଶକୁ ସ୍ୱାଧୀନ କରିଥିବା ବେଳେ ଶାସ୍ତ୍ରୀ ଜୟ ଜବାନ, ଜୟ କିଷାନରେ ଦେଶରେ ଶାନ୍ତି ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜିର ଦିବସରେ ସେମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ନୀତି ଓ ଆଦର୍ଶରେ ପରିଚାଳିତ ହେବା ପାଇଁ ବିଦ୍ୟାର୍ଥୀମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ପ୍ରତିଯୋଗିତାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଶିଶୁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁବାସିନୀ ସାହୁ, ସୁମନ ହାତୀ, ସାହିନ ନିଶା, ନିରୁପମା ମହାନ୍ତି, ବବିତା ମହାନ୍ତି, ସଂଘମିତ୍ରା ବେହେରା, ରେଶମା ଖାତୁନ, ପ୍ରୀତିପୁଷ୍ପା ଦାସ, ବି. ନିର୍ମଳା, ସ୍ମରଣିକା ଡିଗାଳ, ସସ୍ମିତା ବିଶ୍ୱାଳ, ଏକତା ବେହେରା ଓ ଆୟଶା ରୋଶନ ଓ ସେହେନାଜ୍ ବେଗମ ଆଦି ସମସ୍ତ ଗୁରୁମା ଓ ଶିଶୁ ଭାରତୀ କମିଟିର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ସମ୍ପନ୍ନ କରାଇଥିଲେ।

## ଗଜାନନଙ୍କ ଭସାଣି ଉତ୍ସବରେ କମ୍ପିଲା ସମଗ୍ର ଅଞ୍ଚଳ

# ବାଦ୍ୟଯନ୍ତ୍ରର ତାଳେ ତାଳେ ସଭାପତିଙ୍କ ସହ ଝୁମିଲେ ସଦସ୍ୟ

**ପାରାଦ୍ୱୀପ, ୨।୧୦ (ନି.ପ୍ର):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାତ୍ମାଗାନ୍ଧୀ ଯୁବକ ସଙ୍ଘ ପାଳନ କରି ଆସୁଥିବା ଗଜାନନ ଙ୍କ ପୂଜା କୁ ଧୁମ ଧାମରେ ପାଳନ କରି ଚର୍ଚ୍ଚାରେ ଥିଲାବେଳେ ଗତ କଲି ଗୁରୁବାର ଦିନ ଭଷାଣି ଉତ୍ସବ ସମଗ୍ର ଅଞ୍ଚଳ ରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ରେଲୱେ କଲୋନୀ ପୂଜା ମଣ୍ଡପରୁ ପ୍ରଭୁ ଗଜାନନ ଙ୍କୁ ସୁସଜ୍ଜିତ ଗାଡ଼ିରେ ରଖି ରୀତିନୀତି ନିୟମ ଅନୁଯାଇ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟ ଯନ୍ତ୍ର ସହିତ ଝଙ୍କଡ଼ ମା ସାରଳା ଙ୍କ ପୀଠରୁ ଆସିଥିବା ଘଣ୍ଟୁଆ ମାନେ ପରିବେଷଣ କରିଥିବା ନୃର୍ତ୍ୟ ସହିତ ସନ୍ଧ୍ୟାଳତୀ କଲୋନୀ ବାସିନ୍ଦା ଏବଂ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରି ଦେଇଥିଲା। ସଂଘର କର୍ମକର୍ତ୍ତା ମାନେ ବାଦ୍ୟ ର ତାଳେ ତାଳେ ଝୁମିବାସହ ଦେଖଣାହାରୀ ଏହାର ମଜା ନେଇଥିଲେ। ପାଗ ଅନୁକୂଳ ଥିବାରୁ ଭଷାଣି ଉତ୍ସବ ର ମଜା ସଙ୍ଘର କର୍ମକର୍ତ୍ତା ତଥା ସଦସ୍ୟ ମାନେ ଭରପୁର ମଜା



ନେଇଥିଲେ। ସଙ୍ଘର ସଭାପତି ଚନ୍ଦନ ପରିଡା ଙ୍କୁ ପଚାରିବାରେ ଦୀର୍ଘ ତିରିଶ ବର୍ଷ ଧରି ପ୍ରଭୁଙ୍କ ପୂଜା ରୀତିନୀତି ନିୟମ ଅନୁଯାୟୀ ପାଳନ ହେଇ ଆସୁ ଥବାବେଳେ ଭାଇଚାରା ମଧ୍ୟ ବଜାଇ ରହିଛି ବୋଲି କହିଥିଲେ ଏବଂ ସମସ୍ତଙ୍କ ଉତ୍ତରୋତ୍ତର କାମନା କରିଥିଲେ। ଶାନ୍ତି ଶୃଙ୍ଖଳା ସହ ଭଷାଣି ଉତ୍ସବ ପାଳନ ହେଇଥିବାରୁ ସଙ୍ଘର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇବାସହ କଲୋନୀ ବାସିନ୍ଦାଙ୍କ ସହଯୋଗକୁ କେବେବି ଭୁଲି ପାରିବେନି ବୋଲି ହସି ହସି କହିଛନ୍ତି ଚନ୍ଦନ। ଏହି ରଙ୍ଗା ରଙ୍ଗ ଭଷାଣି ଉତ୍ସବ କୁ ସଂଘର ପ୍ରସନ୍ନ ସାମଲ, ବାପି, ଦୀପକ, ସୁଜିତ, ଦିଗନ୍ତ ସନ୍ତୋଷ କାବୁଲା, ଧନିଆଁ, ସୁମନ୍ତ, ସିଧୁ, ସିନା ରେଡ୍ଡୀ, ପଙ୍କଜ , ସୁଶାନ୍ତ, ଦିଲୀପ ରାଓ (ଡଲୁ ), ମନୋଜ ନାୟକ ପ୍ରମୁଖ ସଂଘର କର୍ମକର୍ତ୍ତା ମାନେ ସକ୍ରିୟ ଭାବେ ପରିଚାଳନା କରିଥିଲା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ପ୍ରଭୁ ଗଜାନନ ଙ୍କୁ ଅଠରବାଙ୍କୀ ଗୋଳେଇ ଛକରେ ରଖି ସଭାପତି ଙ୍କ ସହ ସଂଘର ସମସ୍ତ ସଦସ୍ୟ ପାରମ୍ପରିକ ବାଦ୍ୟରେ ଝୁମି ନାଚି ମସଗୁଲ ରହି ପ୍ରଭୁଙ୍କୁ ବିସର୍ଜନ କରିଥିଲେ।

